# ଅସହାୟ ବୃଦ୍ଧଙ୍କୁ କଲେ ସହାୟତା ବିଡିଓ

ଡେରାବିଶ, ୧୧।୧୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ କୁସୁନୁପୁର ଗ୍ରାମର ପଦ୍ମନାଭ ସାହୁ (୮୦) ଜଣେ ଅସହାୟ ବ୍ୟକ୍ତି। ତାଙ୍କୁ ସହାୟତା କରିବାକୁ ପରିବାର ସଦସ୍ୟ କେହି ନାହାନ୍ତି। ଭଙ୍ଗା ଚାଳଛପର ଘରେ ପଡ଼ି ରହି ଅନ୍ୟର ସହାୟତାରେ ଦିନ କାଟୁଛନ୍ତି। ବୟସର ଅପରାହ୍ନରେ ପହଞ୍ଚି ଥିଲେ ମଧ୍ୟ ସରକାରୀ ଯୋଜନାରୁ ପଦ୍ମନାଭ ବଞ୍ଚିତ ରହିଛନ୍ତି। ଏପରିକି ୮୦ ବୟସ ହୋଇଥିବା ମଧ୍ୟରୁ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ସାମିଲ ହୋଇନାହାନ୍ତି। ପଦ୍ମନାଭଙ୍କୁ ଡେରାବିଶ ବିଡିଓ ଦାଶରଥି ଜେନା ସୋମବାର ଭେଟି ଆର୍ଥିକ ସହାୟତା ପ୍ରଦାନ କରିବା ସହ ଶୀତବସ୍ତ୍ର ଓ ଅନ୍ୟ ବସ୍ତ୍ର, ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି। ଏଥିସହ ପଦ୍ମନାଭଙ୍କୁ ଭତ୍ତା ମିଳିବା ପାଇଁ ନିଜେ ବିଡିଓ ଜେନା ବ୍ୟାଙ୍କରେ ଏକ ଜମାଖାତା ଖୋଲି ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚଙ୍କୁ ସମସ୍ତ କାଗଜପତ୍ର ମଙ୍ଗଳବାର ସୁଦ୍ଧା ବ୍ଲକ କାର୍ଯ୍ୟାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓଙ୍କ ସହ ଏବିଡିଓ ଭଞ୍ଜ କିଶୋର ନାୟକ, ଏଣ୍ଡର ସମିତିସଭ୍ୟ ପ୍ରଫୁଲ୍ଲ କୁମାର ସେଠୀ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ମହେନ୍ଦ୍ର ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏଭଳି ବଦାନ୍ୟତା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ବିଡିଓଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଡାକ୍ତର ପଦବୀ ପୂରଣ ହେଉନି, ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ପଟ୍ଟାମୁଣ୍ଡାଇ, ୧୧।୧୨ (କଳ୍ପତରୁ ନାୟକ)



ନୂଆ କରି ଖୋଲିଥିବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।


ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ।

କେନ୍ଦ୍ରାପଡା ଜିଲାର ପଟ୍ଟାମୁଣ୍ଡାଇ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ଚିକିତ୍ସାଳୟକୁ ଦୈନିକ ପଟ୍ଟାମୁଣ୍ଡାଇ ସମେତ ଆଳି, ରାଜନଗର, ମହାକାଳପଡ଼ା, ରାଜକନିକା ଅଞ୍ଚଳରୁ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଆସୁଥିବା ବେଳେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାର ମୁଖ୍ୟ କାରଣ ଆବଶ୍ୟକ ପରିମାଣର ଡାକ୍ତର ପଦବି ଖାଲି ପଡ଼ିଥିବା ବେଳେ ଭିତ୍ତିଭୂମିର ଅଭାବ ରହିଛି। କିନ୍ତୁ ସ୍ଥାନୀୟ ପ୍ରଶାସନ ଡାକ୍ତର ପଦବୀ ପୂରଣ କରିବା ପରିବର୍ତ୍ତେ ନୂଆ ଡାକ୍ତରଖାନା ଖୋଲିବାରେ ବ୍ୟସ୍ତ ରହୁଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି।

ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନତ କରିବା ପାଇଁ ୨୦୧୪ରେ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ମାନ୍ୟତା ମିଳିଥିଲା। ସ୍ଥାନୀୟ ଲୋକେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ଆଶା ରଖିଥିଲେ। ପୂର୍ବରୁ ଏଠାରେ ଚିକିତ୍ସାର ସମସ୍ତ ପ୍ରକାର ସୁବିଧା ମିଳୁଥିଲା। ହେଲେ ଏବେ ଚିକିତ୍ସାଳୟରେ ରୋଗୀ ସେବା ତ ଦୂରର କଥା ଆବଶ୍ୟକ ମୁତାବକ ଡାକ୍ତର କି କର୍ମଚାରୀ ନାହାନ୍ତି। ଫଳରେ ମୂଳ ଲକ୍ଷ୍ୟଠାରୁ ଚିକିତ୍ସାଳୟଟି ଦୂରେଇ ଯିବା ଭଳି ମନେ ହେଉଛି। ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ୩୩ ଜଣ ଡାକ୍ତର ପଦବୀ ରହିଛି। ସେଥିରୁ ୮ଟି ବିଭାଗରେ ବିଶେଷଜ୍ଞ ଡାକ୍ତରଙ୍କ ଆବଶ୍ୟକତା ରହିଛି। ହେଲେ ଏବେ ଚିକିତ୍ସାଳୟରେ ଜଣେ ବିଶେଷଜ୍ଞ ଡାକ୍ତରଙ୍କ ସହ ୪ ଜଣ ଏମ୍‌ବିବିଏସ୍ ଡାକ୍ତର କର୍ଯ୍ୟ କରୁଛନ୍ତି। ଶିଶୁ, ଭେଷଜ, ସ୍ତ୍ରୀ ଓ ପ୍ରସୂତି ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ଡାକ୍ତରଙ୍କ

**ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ**

**■ ନୂଆ ଡାକ୍ତରଖାନା ଖୋଲା ହେଉଛି**

ପଦବୀ ଫାଙ୍କା ପଡ଼ିଛି। ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ସ୍ୱାସ୍ଥ୍ୟକେନ୍ଦ୍ରର ନିରୀକ୍ଷକ ହୋଇଥିବାରୁ ସେ ରୋଗୀ ଦେଖୁନାହାନ୍ତି। ପ୍ରତ୍ୟେକ ବ୍ୟକ୍ତିର ସ୍ୱାସ୍ଥ୍ୟ ରକ୍ଷା ପାଇଁ ସରକାର ଯୋଜନା କରିଥିଲେ ବି ତାହା ପଟ୍ଟାମୁଣ୍ଡାଇରେ ଠିକ୍ ରୂପେ କାର୍ଯ୍ୟକାରି ହୋଇପାରୁନାହିଁ। ଫଳରେ ସାଧାରଣ ବ୍ୟକ୍ତିଟିଏ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ବୁଦ୍ଧିଜୀବୀ ଅନନ୍ତ ଦାଶ, ପ୍ରଫୁଲ୍ଲ ଦାଶ, ଦେବାଶିଷ ପଣ୍ଡା ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଡାକ୍ତର ପଦବୀ ପୂରଣ ପାଇଁ ସରକାର ବାରମ୍ବାର କହୁଥିଲେ ମଧ୍ୟ ତାଙ୍କ ପ୍ରତିଶ୍ରୁତି ପାଣିରଗାର ପରି ହୋଇଛି। କେବଳ ପ୍ରଚାର ଓ ନୂଆ ନୂଆ ଡାକ୍ତରଖାନା ଉଦ୍‌ଘାଟନ କରି ପ୍ରଶଂସା ସାଉଁଟୁଥିବା ବେଳେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ନିକଟରେ ଆରମ୍ଭ ହୋଇଥିବା ସହରାଞ୍ଚଳ ସ୍ୱାସ୍ଥ୍ୟସେବା ଏହାର ଏକ ଜ୍ୱଳନ୍ତ ଉଦାହରଣ। ଏହି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ମାତ୍ର ଜଣେ ଆୟୁଷ ଡାକ୍ତର କାର୍ଯ୍ୟ ସମ୍ଭାଳୁ ଥିବାବେଳେ ଯାହାର ସିଧାସଳଖ ପ୍ରଭାବ ରୋଗୀ ଉପରେ ପଡୁଛି। ପ୍ରତି ବିଭାଗରେ ପଦବୀ ଖାଲି ପଡିଛି। ଡାକ୍ତର କି ସହାୟକ ଷ୍ଟାଫ୍ ନାହାନ୍ତି। ପ୍ରତ୍ୟେକ ଦିନ ଏଠାକୁ ରୋଗୀ ଆସନ୍ତି ବୋଲି ଚିକିତ୍ସାଳୟ ସୂତ୍ରରୁ ଜଣାପଡ଼ିଛି। ସକାଳ ବେଳା ଯାହା ଯେତିକି ଚିକିତ୍ସା ସୁବିଧା ମିଳେ ଅପରାହ୍ନରେ ଏଠି ଡାକ୍ତର ସେବା ମିଳିବା କାଠିକର ପାଠ। ଜରୁରୀ ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟକୁ ଯିବାକୁ ପଡ଼େ। ଦୂରରୁ ଆସିଥିବା ରୋଗୀଙ୍କ ଅବସ୍ଥା ନ କହିଲେ ଭଲ। କେହି କେହି ଭିଡ଼ ଦେଖି ଫେରିଯାଉଛନ୍ତି। ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ୍, ଏକ୍ସରେ ପାଇଁ ସମସ୍ତ ପ୍ରକାର ଯନ୍ତ୍ରପାତି ରହିଛି। କିନ୍ତୁ ଏଥିପାଇଁ ବିଶେଷଜ୍ଞ ନାହାନ୍ତି। ଡାକ୍ତର ଅଭାବରୁ ଲୋକମାନେ ଘରୋଇ ହସ୍ପିଟାଲ ଯିବାକୁ ବାଧ୍ୟ ହେଉଛନ୍ତି। ଫଳରେ ଲୋକମାନେ ଅଧିକ ଖର୍ଚ୍ଚାନ୍ତ ହେବା ସହ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖାଯାଉଛି। ସବୁ ବିଭାଗ ଚିକିତ୍ସା ପାଇଁ ସ୍ୱତନ୍ତ୍ର କୋଠା ନିର୍ମାଣ ହୋଇଛି। ଦୀର୍ଘଦିନ ହେବ କୋଠା ନିର୍ମାଣ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ ବୋଲି ସ୍ଥାନୀୟ ବ୍ୟକ୍ତିମାନେ ଅଭିଯୋଗ କରୁଛନ୍ତି। ସ୍ୱାସ୍ଥ୍ୟ ଭିତ୍ତିଭୂମି ସଜାଡ଼ିବା ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଡାକ୍ତର ନିଯୁକ୍ତି ଉପରେ ବିଶେଷ ଧ୍ୟାନ ଦିଆଯାଉ ନ ଥିବାରୁ ସ୍ୱାସ୍ଥ୍ୟସେବା ପ୍ରଭାବିତ ହୋଇଛି। ତେବେ ସ୍ୱାସ୍ଥ୍ୟାବସ୍ଥା ଭଳି ଜରୁରୀ ସେବା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନିତା ପଟ୍ଟନାୟକଙ୍କୁ ପଚାରିବାରୁ କଉନସେଲିଂ ଚାଲିଛି, ଡାକ୍ତର ନିଯୁକ୍ତି ଦିଆଯିବ ବୋଲି ସେ କହିଛନ୍ତି।

# ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ପଟ୍ଟାମୁଣ୍ଡାଇ ୧୧।୧୨ (କଳ୍ପତରୁ ନାୟକ)

ରାଜ୍ୟ ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ଯୁବ ଓଡ଼ିଶା ନବୀନ ଓଡ଼ିଶା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ପଟ୍ଟାମୁଣ୍ଡାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଅଧ୍ୟକ୍ଷା ଡ. ରାଜଲକ୍ଷ୍ମୀ ମହାନ୍ତିଙ୍କ ପୌରୋହିତ୍ୟ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ମୁଖ୍ୟଅତିଥି ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ସମ୍ମାନିତ ଅତିଥି ଓ ଡିଗ୍ରୀ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ଦେଓ୍ୱ ମୁଖ୍ୟବକ୍ତା ଭାବେ ଯୋଗ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ନୂତନ ସଶକ୍ତ ଓଡ଼ିଶା ଗଠନର ଭିତ୍ତିଭୂମିକୁ ସୁଦୃଢ କରିବାରେ ସହାୟକ ହେବ ବୋଲି ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ନୂଆ ଓ କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପିକା ରିତା ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସାଂସ୍କୃତିକ କମିଟି ନୋଡାଲ ଅଫିସର ଅଧ୍ୟାପିକା ପୁଷ୍ପାଞ୍ଜଳି ମହାନ୍ତି, କ୍ରୀଡା କମିଟିରେ ନୋଡାଲ ଅଫିସର ଅଧ୍ୟାପିକା ଅନୁପମା ଦାସ ଓ ସାମାଜିକ ସେବା ଅଧ୍ୟାପିକା ସୁକାନ୍ତି ଲେଙ୍କା ସଂସ୍କୃତି କ୍ରୀଡା ଓ ସମାଜସେବାକୁ ନେଇ ଆୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଯୁବଶକ୍ତିର ପ୍ରତିଭା ବିକାଶ କ୍ଷେତ୍ରରେ ରହିଥିବା ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଆଲୋକ ସାହୁଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ କଲେଜ ଅଧ୍ୟକ୍ଷ ଭୂୟାଁ ସ୍ୱାଗତ ଭାଷଣ ଓ ପ୍ରଧାପିକା ଡ ଅଞ୍ଜଳି ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ପୁଷ୍ପଲତା ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପାରମ୍ପରିକ ନୃତ୍ୟ, ଫ୍ୟାସନ ସୋ ସମେତ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ହେଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ ଯୋଗ ଦେଇଥିଲେ।

# ବଳଭଦ୍ରପୁର ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ ୧୧।୧୨ (କଳ୍ପତରୁ ନାୟକ)


ପ୍ରଶାସନିକ ଅଧିକାରୀମାନେ ଭତ୍ତା ପ୍ରଦାନ କରୁଛନ୍ତି।

ପଟ୍ଟାମୁଣ୍ଡାଇ ବ୍ଲକର ବଳଭଦ୍ରପୁର ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ବିଡିଓ ଶୁଭ୍ରାଂଶୁ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଅତିରିକ୍ତ ବିଡିଓ ସନ୍ତୋଷ କୁମାର ମନ୍ତ୍ରୀ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ସମିତିସଭ୍ୟ କୈଳାସ ପରିଡା ଯୋଗଦେଇ ପଲ୍ଲୀ ପ୍ରଶାସନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଆବାସ, ରାଶନକାର୍ଡ ଓ ଭତ୍ତାକୁ ମିଶାଇ ସମୁଦାୟ ୧୦ ଆପତ୍ତି ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ୫ଜଣ ଭତ୍ତା ପାଇଁ ଆବେଦନ କରିଥିବାବେଳେ ୨ କେସିସି ଡ଼ାଇରୀ ପାଇଁ ଆବେଦନ କରିଥିଲେ। ୪ ଏସ୍‌ଏଚ୍‌ଜିଙ୍କ ବ୍ୟାଙ୍କ ସଂଯୋଗୀକରଣ, ୫୦ଜଣ ପ୍ରାଣୀଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା। ଏହି ସରକାରୀ କାର୍ଯ୍ୟକ୍ରମରେ ମିଶନଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ଜୀବିକା ମିଶନ ସଂଯୋଜିକା ସୁଶ୍ରୀ ସଙ୍ଗୀତା ଭୂୟାଁ, ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଟି, ବ୍ଲକ ସମାଜ କଲ୍ୟାଣ ଅଧିକାରିଣୀ ସସ୍ମିତା ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାମକୃଷ୍ଣ ହାଲଦାର, ଜିଆରଏସ୍, ମେଡିକାଲ ଅଫିସର, ବ୍ଲକ ଉଦ୍ୟାନ ଅଧିକାରୀ ଓ ବ୍ଲକ ପ୍ରାଣ ସମ୍ପଦ ଅଧିକାରୀ ପ୍ରମୁଖ ବ୍ଲକ ସ୍ତରୀୟ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। କାର୍ଯ୍ୟକ୍ରମରେ ଆଗତ ସମସ୍ତ ଅଭିଯୋଗ ଉପରେ ଉଚିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।

# ମୌଳିକ ଶିକ୍ଷାରେ ସଂସ୍କାର, ସଂସ୍କୃତିକୁ ଗୁରୁତ୍ୱ ଦିଆଯାଉ

କେନ୍ଦ୍ରାପଡା, ୧୧।୧୨ (ଜଗନ୍ନାଥ ଧଳ)

ଶିକ୍ଷା ସମାଜକୁ ସୁଦୃଢ଼ କରିପାରିବ। ଏଥିପାଇଁ ଶିକ୍ଷା ଅଧିକାର ଆଇନ ପ୍ରଣୟନ ସହ ଯୋଜନା ପ୍ରସ୍ତୁତ କରାଯାଉଛି। ମୌଳିକ ଶିକ୍ଷାରେ ସଂସ୍କାର ଓ ସଂସ୍କୃତିକୁ ଗୁରୁତ୍ୱ ଦିଆଯାଉ ବୋଲି କେନ୍ଦ୍ରାପଡ଼ା ସହର ଖଡିଅଙ୍ଗସ୍ଥ ଅଙ୍କୁର ଶିକ୍ଷା ନିକେତନର ୩୨ତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତ ରଖିଛନ୍ତି। ଶିକ୍ଷା ନିକେତନ ଅଧ୍ୟକ୍ଷ ଅମର ପ୍ରସାଦ ସିଂହ ଅଧ୍ୟକ୍ଷତାରେ ଏହି ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି ତରୁଣ କୁମାର ସାହୁ, ଶିକ୍ଷାବିତ୍ ଦୁର୍ଗାପ୍ରସାଦ ରାୟ, ସାମାଜିକ କର୍ମୀ ତଥା ବିଜେଡି ନେତ୍ରୀ ସ୍ନେହପ୍ରଭା ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ ଯେ, ଅଭିଭାବକଙ୍କଠାରୁ ଶିକ୍ଷାର ଆରମ୍ଭ ହୋଇଥାଏ। ଏହାସହ ଶିକ୍ଷାନୁଷ୍ଠାନରେ ସେମାନଙ୍କୁ ସାମ୍ପ୍ରତିକ ସମୟର ପାଠ୍ୟକ୍ରମ ପଢ଼ା ଯାଇଥାଏ। ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଥିଲେ ମଧ୍ୟ ଶୃଙ୍ଖଳା ଜ୍ଞାନ, ସମୟାନୁବର୍ତ୍ତିତା ପରି ସଂସ୍କାର ଏବେ ଦେଖିବାକୁ ମିଳୁନାହିଁ। ଏଥିପାଇଁ ମୌଳିକ ଶିକ୍ଷାରେ ସଂସ୍କାର ଓ ସଂସ୍କୃତି ପ୍ରତି ଆଗ୍ରହ ପ୍ରକାଶ ପାଇଁ ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ। ପରିଚାଳନା କମିଟି ସମ୍ପାଦକ ମହମ୍ମଦ ଜୟିନୁଲ ରହେମନ ବାର୍ଷିକ ବିବରଣୀ ଉପସ୍ଥାପିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷା ନିକେତନର ଶିକ୍ଷକ ପ୍ରଭାକର ବେହେରା, ସତ୍ୟରଞ୍ଜନ ସାହୁ, ଶିକ୍ଷୟିତ୍ରୀ କିରଣମୟୀ ସିଂହ, ରଶ୍ମିତା ବେହେରା, ରଇସା ଖାତୁନ, ଜସ୍ମିନ ଖାତୁନ ପ୍ରମୁଖ ପରିଚାଳନା କରିଥିଲେ।

# ଭାଜପାରେ ମିଶିବା ପରେ ରାଜନଗରରେ ଜ୍ଞାନଦେବଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଭାଜପା ନେତାମାନେ।

ରାଜନଗର, ୧୧।୧୨ (ଭାସ୍କର ରାଉତରାୟ)

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ଛାଡ଼ିଥିବା ବରିଷ୍ଠ ନେତା ଜ୍ଞାନଦେବ ବେଉରା ଛାଡ଼ି ଥିଲେ। ଚଳିତମାସ ପ୍ରଥମ ସପ୍ତାହରେ ଭୁବନେଶ୍ୱର ଭାଜପା କାର୍ଯ୍ୟାଳୟରେ ଦଳରେ ଜ୍ଞାନଦେବ ସାମିଲ ହୋଇଥିଲେ। ଭାଜପାରେ ସାମିଲ ହେବା ପରେ ସେ ପ୍ରଥମଥର ପାଇଁ ରବିବାର ରାଜନଗର ଆସିଥିଲେ। ତାଙ୍କୁ ତାଙ୍କର ପୁରୁଣା ସମର୍ଥକ ଓ ଭାଜପା କର୍ମୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ମାତ୍ର ରାଜନଗରର ପୂର୍ବତନ ବିଧାୟକ ତଥା ଭାଜପା ନେତା ଅଲେଖ କୁମାର ଜେନା, ଯୁବନେତା ଲଳିତ କୁମାର ବେହେରା ଓ ତାଙ୍କ ସମର୍ଥକ ବୈଠକରେ ସାମିଲ ହୋଇନାହାନ୍ତି। କିନ୍ତୁ ଜିଲା ମନ୍ କି ବାତ୍‌ର ସଂଯୋଜକ ଅଜୟ କୁମାର ବେହେରା ଓ ତାଙ୍କ ସମର୍ଥକମାନେ ଏହି ବୈଠକରେ ସାମିଲ ହୋଇଛନ୍ତି।

ରାଜନଗର ବ୍ଲକର ସାନ ବଡଗୋପାଳପୁର ସ୍ଥିତ ନୀଳାଦ୍ରିବିହାରୀ ମଣ୍ଡପରେ ଭାଜପା ନେତା ନୀଳମଣି ସାହାଣୀଙ୍କ ଆବାହକତ୍ୱ ଓ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ଜ୍ଞାନଦେବ ବେଉରା ଯୋଗଦେଇ ମିଳିମିଶି ଏକ ହୋଇ ଲଢ଼ିବାକୁ ଆହ୍ୱାନ ଦେଇଥିଲେ। ବ୍ୟକ୍ତି ନୁହେଁ ଦଳ ସର୍ବପରି ବୋଲି କହିବା ସହ ସଙ୍ଗଠନକୁ ଆଗେଇ ନେବା ପାଇଁ କର୍ମୀମାନଙ୍କ ମନୋବଳ ବଢାଇବା, ଦଳ ଯାହାକୁ ପ୍ରାର୍ଥୀ କରିବ, ସମସ୍ତେ ସହଯୋଗ କରି ଭାଜପାକୁ ଜିତାଇବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ମନ୍ କି ବାତ୍ ସଂଯୋଜକ ବେହେରା, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜ କିଶୋର ସାହୁ, ତାଙ୍କ ପୁରୁଣା ସହଯୋଗୀ ମେଘଶ୍ୟାମ ସାହୁ, ସଦାଶିବ ଜେନା, ଦେବଦତ୍ତ ରାଉଳ, ନୀଳକଣ୍ଠ ମିଶ୍ର, ନିରଞ୍ଜନ ସ୍ୱାଇଁ ପ୍ରମୁଖ ଜ୍ଞାନଦେବ ହିଁ ରାଜନଗରରେ ଭାଜପା ସଙ୍ଗଠନକୁ ସ୍ୱତନ୍ତ୍ର ପରିଚୟ ଦେଇଥିଲେ। ସେ ଦଳକୁ ଆସିବା ପରେ କର୍ମୀଙ୍କ ମନୋବଳ ବୃଦ୍ଧି ପାଇଛି। ଆଗାମୀଦିନରେ ଭାଜପା ଏକ ଶକ୍ତିଶାଳୀ ଦଳ ରୂପେ ଉଭା ହେବ ବୋଲି କହିଥିଲେ। ଜ୍ଞାନଦେବ ଭାଜପାରେ ମିଶିବା ପରେ ଗତ ନିର୍ବାଚନରେ କଂଗ୍ରେସକୁ ସହଯୋଗ କରିଥିବା ତାଙ୍କର କେତେଜଣ କର୍ମୀଙ୍କୁ ଏହି ସମ୍ବର୍ଦ୍ଧନା ସଭାରେ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ବୈଠକକୁ ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ଆସି ନ ଥିବା ବେଳେ ତାଙ୍କର ସମର୍ଥକଙ୍କ ଅନୁପସ୍ଥିତି ଜ୍ଞାନଦେବଙ୍କ ମିଶ୍ରଣ ପରେ ଦଳରେ ଫାଟକୁ ସୃଷ୍ଟି ହୋଇଥିବା ସାମ୍ନାକୁ ଆସିଛି।

# ଜବତ ଟଙ୍କା କଂଗ୍ରେସ, ବିଜେଡିର ନିର୍ବାଚନୀ ପାଣ୍ଠି


ଭାଜପା ନେତା ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କେନ୍ଦ୍ରାପଡ଼ା, ୧୧।୧୨ (ଜଗନ୍ନାଥ ଧଳ)

ଆୟକର ବିଭାଗ ଚଢ଼ାଉରେ ମିଳିଥିବା ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାକୁ ନେଇ କେନ୍ଦ୍ରାପଡ଼ା ଜିଲା ଭାଜପା ସୋମବାର ବିକ୍ଷୋଭ କରିଛି। ସହରର ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଏହି ଘଟଣାରେ ସମ୍ପୃକ୍ତି ଥିବା ଦର୍ଶାଇ କଂଗ୍ରେସ ନେତା ଧୀରଜ ସାହୁ ଓ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରିଛି। ଏହାର ନେତୃତ୍ୱ ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା ନେଇ କହିଛନ୍ତି, ରାଜ୍ୟରେ ଆୟକର ଚଢ଼ାଉ କଂଗ୍ରେସ ଓ ବିଜେଡିର ମୁଖା ଖୋଲି ଦେଇଛି। ଏହି ୨ ଦଳର ଏହା ନିର୍ବାଚନୀ ପାଣ୍ଠି। ଏଥିପାଇଁ ରାଜ୍ୟ ସରକାର କଂଗ୍ରେସ ନେତା ସାହୁଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଏହି ଟଙ୍କାକୁ ବେଆଇନ ଭାବେ ଖର୍ଚ୍ଚ କରିବାକୁ ଯୋଜନା ଥିବାରୁ ଲୁଚା ହୋଇ ରଖାଯାଇଥିଲା। ତେବେ ଆୟକର ବିଭାଗ ଚଢ଼ାଉରେ ସମ୍ପୃକ୍ତ ୨ ଦଳ ଏବେ ସମସ୍ୟାରେ ଅଛନ୍ତି ବୋଲି ଜିଲା ସଭାପତି ପଣ୍ଡା କହିଥିଲେ। ଏହି ବିକ୍ଷୋଭରେ ଜିଲାର ବରିଷ୍ଠ ନେତା ଭୁବନ ମୋହନ ଜେନା, ଦୁର୍ଯ୍ୟୋଧନ ସାହୁ, ସୁନାକର ବେହେରା, ତେଜେଶ୍ୱର ପରିଡା, ଅଭିମନ୍ୟୁ ଗୋଚ୍ଛାୟତ ପ୍ରମୁଖ ସାମିଲ ହୋଇଥିଲେ।

# ରାଜନଗରରେ ସ୍ୱାସ୍ଥ୍ୟ ସେବା ନୁହେଁ ଧମକ ମିଳୁଛି



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବ୍ୟକ୍ତିମାନେ।

କେନ୍ଦ୍ରାପଡ଼ା, ୧୧।୧୨ (ଜଗନ୍ନାଥ ଧଳ)

ସ୍ୱାସ୍ଥ୍ୟ ସେବା ଏକ ମୌଳିକ ଆବଶ୍ୟକତା। ଏଥିପାଇଁ ବହୁ ଯୋଜନା ପ୍ରଣୟନ ହେଉଛି। ତେବେ କେନ୍ଦ୍ରାପଡ଼ା ଜିଲାର ରାଜନଗରରେ ସ୍ୱାସ୍ଥ୍ୟସେବା ପରିବର୍ତ୍ତେ ବିଭାଗୀୟ କର୍ମଚାରୀଙ୍କର ଧମକ ମିଳୁଛି। ଏପରି ଅଭିଯୋଗ ଆଣି ରାଜନଗର ଅଞ୍ଚଳର ଗୋପବନ୍ଧୁ ଜନସେବା ସଂଘ ପକ୍ଷରୁ କେନ୍ଦ୍ରାପଡ଼ା ସହର ଗରାପୁରସ୍ଥ ଏକ କଲ୍ୟାଣ ମଣ୍ଡପ ପରିସରରେ ଖବରଦାତା ସମ୍ମିଳନୀ ସୋମବାର ଆୟୋଜିତ ହୋଇଯାଇଛି। ସଂଘ ପ୍ରତିଷ୍ଠାତା ଦିଲୀପ କୁମାର ପାଲ, ସଭାପତି ନାରାୟଣ ପାଣି ପ୍ରମୁଖ କହିଛନ୍ତି, ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀ ସ୍ଥାନୀୟ ଲୋକଙ୍କୁ ସେବା ବଦଳରେ ସାମାନ୍ୟ ରୋଗ ପାଇଁ କଟକ ବଡ଼ ଡାକ୍ତରଖାନାକୁ ରେଫର କରୁଛନ୍ତି। ଏପରିକି ଏହି ଅବସ୍ଥା ରାଜନଗର ସିଏଚସିରେ ଦେଖିବାକୁ ମିଳୁଛି। ଖାଦ୍ୟ ବ୍ୟବସ୍ଥା, ସାର୍ଟିଫିକେଟ ପ୍ରଦାନ କ୍ଷେତ୍ରରେ ହିତାଧିକାରୀଙ୍କୁ ଅବହେଳା କରାଯାଉଛି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିବାରୁ ସେବା ସଂଘ ପକ୍ଷରୁ ତନଖି ପାଇଁ ସଭ୍ୟମାନେ ସିଏଚସିରେ ରୋଗୀଙ୍କ ସହ ଗତ ୨୯ ତାରିଖରେ ଆଲୋଚନା କରୁଥିଲେ। ତେବେ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀମାନେ ଏହାକୁ ବିରୋଧ କରିବା ସହ ସଭ୍ୟଙ୍କୁ ଧମକ ଦେଇ ଜୋରଜବରଦସ୍ତ ତଡ଼ି ଦେଇଥିଲେ। ଏ ନେଇ ସ୍ଥାନୀୟ ଥାନାରେ ସଂଘ ପକ୍ଷରୁ ଅଭିଯୋଗ ଦିଆଯାଇଛି। ଅପରପକ୍ଷରେ ଜିଲାର ଡାକ୍ତର ସମୂହ ସଂଘ ସଭ୍ୟଙ୍କ ତନଖିରେ ବ୍ୟତିବ୍ୟସ୍ତ ହୋଇପଡିଛନ୍ତି। ଲୋକଙ୍କୁ ସେବା ନ ଯୋଗାଇ ପ୍ରକୃତ ଘଟଣାକୁ ଚାପି ଦେବା ପାଇଁ ଥାନାରେ ସଂଘ ସଭ୍ୟଙ୍କ ନାମରେ ଅଭିଯୋଗ ପତ୍ର ଦାଏର କରିଛନ୍ତି। ତେବେ ସଂଘ ପକ୍ଷରୁ ଲୋକଙ୍କ ସ୍ୱାର୍ଥ ପାଇଁ ସର୍ବଦା ଲଢ଼େଇ କରିବାକୁ ପ୍ରସ୍ତୁତ ଥିବା ସେମାନେ ଏଠାରେ ପ୍ରକାଶ କରିଛନ୍ତି।

# ରାଜନଗରରେ ଗଡ଼ିଲା ଆମ ସଂକଳ୍ପ ବିକଶିତ ଭାରତ ରଥ

ରାଜନଗର, ୧୧।୧୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକରେ ସୋମବାର ଠାରୁ ଗଡିଛି ଆମ ସଂକଳ୍ପ ବିକଶିତ ଭାରତ ରଥ। ପ୍ରଥମ ଦିନରେ ବ୍ଲକର ବନ୍ଧପଡ଼ା ଓ ଓସ୍ତିଆ ପଞ୍ଚାୟତରେ ରଥ ପହଞ୍ଚିବା ପରେ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବନ୍ଧପଡ଼ାରୁ ଗଡ଼ି ଥିବା ଏହି ରଥ ପଞ୍ଚାୟତ ପରିକ୍ରମା କରିବା ପରେ ଓସ୍ତିଆ ପଞ୍ଚାୟତ ଯାଇଥିଲା। ବିଡିଓ ନିଶାନ ମିଶ୍ର, ଡା. ଟିଟି ମିଶ୍ର, ଜିପିଇଓ ଧର୍ମେନ୍ଦ୍ର ଦାସ, ବିପିଏମ୍ ରଶ୍ମୀ ରଞ୍ଜନ ଦାଶ, ବିଏଲପି ନିହାର ରଞ୍ଜନ ବିଶ୍ୱାଳ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିବେକାନନ୍ଦ ମଲ୍ଲିକ, ଜିଆରଏସ୍ ଦିପ୍ତୀମୟୀ ବେହୁରା, ବିଦ୍ୟାରାଣୀ ପରିଡା ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକମାନଙ୍କୁ ବୁଝାଇଥିଲେ।

# କାଉପଡ଼ା ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

ଡେରାବିଶ, ୧୧।୧୨ (ବେବର୍ତ୍ତା ଅଜୟ ଦାସ)


ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଗ୍ରହଣ କରୁଛନ୍ତି।

ଡେରାବିଶ ବ୍ଲକ ଅନ୍ତର୍ଗତ କାଉପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଦାଶରଥି ଜେନା, ସିଡିପିଓ ସ୍ନେହଲତା ସାହୁ, ଏବିଡିଓ ଭଞ୍ଜ କିଶୋର ନାୟକ, ସରପଞ୍ଚ ପ୍ରତାପ ବେହେରା, ସମିତିସଭ୍ୟ ମିଳନପ୍ରଭା ମଲିକ ଉପସ୍ଥିତ ରହି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ଆସିଥିବା ୧୫ଟି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ବାସଗୃହ ଯୋଜନା, ରାଶନ କାର୍ଡ ତଥା ଭତ୍ତାରୁ ବଞ୍ଚିତ ଥିବା ହିତାଧିକାରୀ ସେମାନଙ୍କ ଅଭିଯୋଗ ପ୍ରଦାନ କରିଥିଲେ। ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ବିଭିନ୍ନ ଗ୍ରାମରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ମଠ ମନ୍ଦିରର ଉନ୍ନତୀକରଣ ପାଇଁ ଦରଖାସ୍ତମାନ ଆସିଥିଲା। ଏହି ଅଭିଯୋଗ ମଧ୍ୟରୁ କେତେଗୋଟିର ତ୍ୱରିତ ସମାଧାନ କରାଯିବା ସହ ଅନ୍ୟଗୁଡ଼ିକ ବିଭାଗୀୟ ଅଧିକାରୀଙ୍କ ନିକଟକୁ ବିଡିଓ ଜେନା ପଠାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ମତ୍ସ୍ୟ ଅଧିକାରୀ ରଶ୍ମିରଞ୍ଜନ ଦାସ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ବିଭୁଦତ୍ତ ଦାସ, ପ୍ରମୋଦ କୁମାର ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସେମାନଙ୍କ ବିଭାଗର ଅଭିଯୋଗମାନ ଗ୍ରହଣ କରିଥିଲେ। ଏଥିରେ ୧୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଭାଗର ଷ୍ଟଲ୍ ଖୋଲାଯାଇଥିଲା। ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର ଅଭିଜିତ ରାୟଙ୍କ ତତ୍ତ୍ୱାବଧାନରେ ଖୋଲାଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ଫାର୍ମାସିଷ୍ଟ ସଲିଳା ତ୍ରିପାଠୀ, ସ୍ୱାସ୍ଥ୍ୟ ସେବିକା ସସ୍ମିତା ଜେନା, ପ୍ରୀତିନନ୍ଦା ଦାସ, ପ୍ରଶାନ୍ତ କୁମାର ନନ୍ଦ, ଦୀପ୍ତିରଞ୍ଜନ ସିଂ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧୀଶୋଭାମୟୀ ସିଂ, ଜିଆର୍‌ଏସ୍ ସନ୍ଧ୍ୟାରାଣୀ ସାହୁ ଓ ଅନିଲ କୁମାର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

# ଡାକ୍ତର ପଦବୀ ପୂରଣ ହେଉନି, ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ପଟ୍ଟାମୁଣ୍ଡାଇ,୧୧।୧୨(କଳ୍ପତରୁ ନାୟକ)



ନୂଆ କରି ଖୋଲିଥିବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।


ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ।

କେନ୍ଦ୍ରାପଡା ଜିଲାର ପଟ୍ଟାମୁଣ୍ଡାଇ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ଚିକିତ୍ସାଳୟକୁ ଦୈନିକ ପଟ୍ଟାମୁଣ୍ଡାଇ ସମେତ ଆଳି, ରାଜନଗର, ମହାକାଳପଡ଼ା, ରାଜକନିକା ଅଞ୍ଚଳରୁ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଆସୁଥିବା ବେଳେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାର ମୁଖ୍ୟ କାରଣ ଆବଶ୍ୟକ ପରିମାଣର ଡାକ୍ତର ପଦବି ଖାଲି ପଡ଼ିଥିବା ବେଳେ ଭିତ୍ତିଭୂମିର ଅଭାବ ରହିଛି। କିନ୍ତୁ ସ୍ଥାନୀୟ ପ୍ରଶାସନ ଡାକ୍ତର ପଦବୀ ପୂରଣ କରିବା ପରିବର୍ତ୍ତେ ନୂଆ ଡାକ୍ତରଖାନା ଖୋଲିବାରେ ବ୍ୟସ୍ତ ରହୁଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି।

ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନତ କରିବା ପାଇଁ ୨୦୧୪ରେ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ମାନ୍ୟତା ମିଳିଥିଲା। ସ୍ଥାନୀୟ ଲୋକେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ଆଶା ରଖିଥିଲେ। ପୂର୍ବରୁ ଏଠାରେ ଚିକିତ୍ସାର ସମସ୍ତ ପ୍ରକାର ସୁବିଧା ମିଳୁଥିଲା। ହେଲେ ଏବେ ଚିକିତ୍ସାଳୟରେ ରୋଗୀ ସେବା ତ ଦୂରର କଥା ଆବଶ୍ୟକ ମୁତାବକ ଡାକ୍ତର କି କର୍ମଚାରୀ ନାହାନ୍ତି। ଫଳରେ ମୂଳ ଲକ୍ଷ୍ୟଠାରୁ ଚିକିତ୍ସାଳୟଟି ଦୂରେଇ ଯିବା ଭଳି ମନେ ହେଉଛି। ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ୩୩ ଜଣ ଡାକ୍ତର ପଦବୀ ରହିଛି। ସେଥିରୁ ୮ଟି ବିଭାଗରେ ବିଶେଷଜ୍ଞ ଡାକ୍ତରଙ୍କ ଆବଶ୍ୟକତା ରହିଛି। ହେଲେ ଏବେ ଚିକିତ୍ସାଳୟରେ ଜଣେ ବିଶେଷଜ୍ଞ ଡାକ୍ତରଙ୍କ ସହ ୪ ଜଣ ଏମ୍‌ବିବିଏସ୍ ଡାକ୍ତର କାର୍ଯ୍ୟ କରୁଛନ୍ତି। ଶିଶୁ, ଭେଷଜ, ସ୍ତ୍ରୀ ଓ ପ୍ରସୂତି ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ଡାକ୍ତରଙ୍କ

**ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ**
■ ନୂଆ ଡାକ୍ତରଖାନା ଖୋଲା ହେଉଛି

ପଦବୀ ଫାଙ୍କା ପଡ଼ିଛି। ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ସ୍ୱାସ୍ଥ୍ୟକେନ୍ଦ୍ରର ନିରୀକ୍ଷକ ହୋଇଥିବାରୁ ସେ ରୋଗୀ ଦେଖୁନାହାନ୍ତି। ପ୍ରତ୍ୟେକ ବ୍ୟକ୍ତିର ସ୍ୱାସ୍ଥ୍ୟ ରକ୍ଷା ପାଇଁ ସରକାର ଯୋଜନା କରିଥିଲେ ବି ତାହା ପଟ୍ଟାମୁଣ୍ଡାଇରେ ଠିକ୍ ରୂପେ କାର୍ଯ୍ୟକାରି ହୋଇପାରୁନାହିଁ। ଫଳରେ ସାଧାରଣ ବ୍ୟକ୍ତିଟିଏ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ବୁଦ୍ଧିଜୀବୀ ଅନନ୍ତ ଦାଶ, ପ୍ରଫୁଲ୍ଲ ଦାଶ, ଦେବାଶିଷ ପଣ୍ଡା ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଡାକ୍ତର ପଦବୀ ପୂରଣ ପାଇଁ ସରକାର ବାରମ୍ବାର କହୁଥିଲେ ମଧ୍ୟ ତାଙ୍କ ପ୍ରତିଶ୍ରୁତି ପାଣିରଗାର ପରି ହୋଇଛି। କେବଳ ପ୍ରଚାର ଓ ନୂଆ ନୂଆ ଡାକ୍ତରଖାନା ଉଦ୍‌ଘାଟନ କରି ପ୍ରଶଂସା ସାଉଁଟୁଥିବା ବେଳେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ନିକଟରେ ଆରମ୍ଭ ହୋଇଥିବା ସହରାଞ୍ଚଳ ସ୍ୱାସ୍ଥ୍ୟସେବା ଏହାର ଏକ ଜ୍ୱଳନ୍ତ ଉଦାହରଣ। ଏହି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ମାତ୍ର ଜଣେ ଆୟୁଷ ଡାକ୍ତର କାର୍ଯ୍ୟ ସମ୍ଭାଳୁ ଥିବାବେଳେ ଯାହାର ସିଧାସଳଖ ପ୍ରଭାବ ରୋଗୀ ଉପରେ ପଡୁଛି। ପ୍ରତି ବିଭାଗରେ ପଦବୀ ଖାଲି ପଡିଛି। ଡାକ୍ତର କି ସହାୟକ ଷ୍ଟାଫ୍ ନାହାନ୍ତି। ପ୍ରତ୍ୟେକ ଦିନ ଏଠାକୁ ରୋଗୀ ଆସନ୍ତି ବୋଲି ଚିକିତ୍ସାଳୟ ସୂତ୍ରରୁ ଜଣାପଡ଼ିଛି। ସକାଳ ବେଳା ଯାହା ଯେତିକି ଚିକିତ୍ସା ସୁବିଧା ମିଳେ ଅପରାହ୍ନରେ ଏଠି ଡାକ୍ତର ସେବା ମିଳିବା କାଠିକର ପାଠ। ଜରୁରୀ ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟକୁ ଯିବାକୁ ପଡ଼େ। ଦୂରରୁ ଆସିଥିବା ରୋଗୀଙ୍କ ଅବସ୍ଥା ନ କହିଲେ ଭଲ। କେହି କେହି ଭିଡ଼ ଦେଖି ଫେରିଯାଉଛନ୍ତି। ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଅଲ୍‌ଟ୍ରାସାଉଣ୍ଡ, ଏକ୍ସରେ ପାଇଁ ସମସ୍ତ ପ୍ରକାର ଯନ୍ତ୍ରପାତି ରହିଛି। କିନ୍ତୁ ଏଥିପାଇଁ ବିଶେଷଜ୍ଞ ନାହାନ୍ତି। ଡାକ୍ତର ଅଭାବରୁ ଲୋକମାନେ ଘରୋଇ ହସ୍ପିଟାଲ ଯିବାକୁ ବାଧ ହେଉଛନ୍ତି। ଫଳରେ ଲୋକମାନେ ଅଧିକ ଖର୍ଚ୍ଚାନ୍ତ ହେବା ସହ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖାଯାଉଛି। ସବୁ ବିଭାଗ ଚିକିତ୍ସା ପାଇଁ ସ୍ୱତନ୍ତ୍ର କୋଠା ନିର୍ମାଣ ହୋଇଛି। ଦୀର୍ଘଦିନ ହେବ କୋଠା ନିର୍ମାଣ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ ବୋଲି ସ୍ଥାନୀୟ ବ୍ୟକ୍ତିମାନେ ଅଭିଯୋଗ କରୁଛନ୍ତି। ସ୍ୱାସ୍ଥ୍ୟ ଭିତ୍ତିଭୂମି ସଜାଡ଼ିବା ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଡାକ୍ତର ନିଯୁକ୍ତି ଉପରେ ବିଶେଷ ଧ୍ୟାନ ଦିଆଯାଉ ନ ଥିବାରୁ ସ୍ୱାସ୍ଥ୍ୟସେବା ପ୍ରଭାବିତ ହୋଇଛି। ତେବେ ସ୍ୱାସ୍ଥ୍ୟାବସ୍ଥା ଭଳି ଜରୁରୀ ସେବା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନିତା ପଟ୍ଟନାୟକଙ୍କୁ ପଚାରିବାରୁ କଉନସେଲିଂ ଚାଲିଛି, ଡାକ୍ତର ନିଯୁକ୍ତି ଦିଆଯିବ ବୋଲି ସେ କହିଛନ୍ତି।

## ଅସହାୟ ବୃଦ୍ଧଙ୍କୁ କଲେ ସହାୟତା ବିଡିଓ

**ଡେରାବିଶ, ୧୧।୧୨(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ କୁସୁନ୍ଦପୁର ଗ୍ରାମର ପଦ୍ମନାଭ ସାହୁ (୮୦) ଜଣେ ଅସହାୟ ବ୍ୟକ୍ତି। ତାଙ୍କୁ ସହାୟତା କରିବାକୁ ପରିବାର ସଦସ୍ୟ କେହି ନାହାନ୍ତି। ଭଙ୍ଗା ଚାଳଛପର ଘରେ ପଡ଼ି ରହି ଅନ୍ୟର ସହାୟତାରେ ଦିନ କାଟୁଛନ୍ତି। ବୟସର ଅପରାହ୍ନରେ ପହଞ୍ଚି ଥିଲେ ମଧ୍ୟ ସରକାରୀ ଯୋଜନାରୁ ପଦ୍ମନାଭ ବଞ୍ଚିତ ରହିଛନ୍ତି। ଏପରିକି ୮୦ ବୟସ ହୋଇଥିବା ମଧ୍ୟରୁ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ସାମିଲ ହୋଇନାହନ୍ତି। ପଦ୍ମନାଭଙ୍କୁ ଡେରାବିଶ ବିଡିଓ ଦାଶରଥି ଜେନା ସୋମବାର ଭେଟି ଆର୍ଥିକ ସହାୟତା ପ୍ରଦାନ କରିବା ସହ ଶୀତବସ୍ତ୍ର ଓ ଅନ୍ୟ ବସ୍ତ୍ର, ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି। ଏଥିସହ ପଦ୍ମନାଭଙ୍କୁ ଭତ୍ତା ମିଳିବା ପାଇଁ ନିଜେ ବିଡିଓ ଜେନା ବ୍ୟାଙ୍କରେ ଏକ ଜମାଖାତା ଖୋଲି ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚଙ୍କୁ ସମସ୍ତ କାଗଜପତ୍ର ମଙ୍ଗଳବାର ସୁଦ୍ଧା ବ୍ଲକ କାର୍ଯ୍ୟାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓଙ୍କ ସହ ଏବିଡିଓ ଭଞ୍ଜ କିଶୋର ନାୟକ, ଏଣ୍ଡର ସମିତିସଭ୍ୟ ପ୍ରଫୁଲ୍ଲ କୁମାର ସେଠୀ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ମହେନ୍ଦ୍ର ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏଭଳି ବଦାନ୍ୟତା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ବିଡିଓଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ପଟ୍ଟାମୁଣ୍ଡାଇ ୧୧।୧୨ (କଳ୍ପତରୁ ନାୟକ)

ରାଜ୍ୟ ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ଯୁବ ଓଡ଼ିଶା ନବୀନ ଓଡ଼ିଶା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ପଟ୍ଟାମୁଣ୍ଡାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଅଧକ୍ଷା ଡ. ରାଜଲକ୍ଷ୍ମୀ ମହାନ୍ତିଙ୍କ ପୌରୋହିତ୍ୟ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ମୁଖ୍ୟଅତିଥି ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ସମ୍ମାନିତ ଅତିଥି ଓ ଡିଗ୍ରୀ କଲେଜ ଅଧକ୍ଷ ରମେଶ ଚନ୍ଦ୍ର ଦେଠୀ ମୁଖ୍ୟବକ୍ତା ଭାବେ ଯୋଗ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ନୂତନ ସଶକ୍ତ ଓଡ଼ିଶା ଗଠନର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ନୂଆ ଓ କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧାପିକା ରିତା ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସାଂସ୍କୃତିକ କମିଟି ନୋଡାଲ ଅଫିସର ଅଧାପିକା ପୁଷ୍ପାଞ୍ଜଳି ମହାନ୍ତି, କ୍ରୀଡା କମିଟିର ନୋଡାଲ ଅଫିସର ଅଧାପିକା ଅନୁପମା ଦାସ ଓ ସାମାଜିକ ସେବା ଅଧାପିକା ସୁକାନ୍ତି ଲେଙ୍କା ସଂସ୍କୃତି କ୍ରୀଡା ଓ ସମାଜସେବାକୁ ନେଇ ଆୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଯୁବଶକ୍ତିର ପ୍ରତିଭା ବିକାଶ କ୍ଷେତ୍ରରେ ରହିଥିବା ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧାପକ ଆଲୋକ ସାହୁଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ କଲେଜ ଅଧକ୍ଷ ଭୂୟାଁ ସ୍ୱାଗତ ଭାଷଣ ଓ ପ୍ରଧାପିକା ଡ ଅଞ୍ଜଳି ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧାପିକା ପୁଷ୍ପଲତା ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପାରମ୍ପରିକ ନୃତ୍ୟ, ଫ୍ୟାସନ ସୋ ସମେତ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ହେଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧାପିକାଅଧାପକ, କର୍ମଚାରୀ ଓ ଛାତ୍ରୀମାନେ ଯୋଗ ଦେଇଥିଲେ।

## ବଳଭଦ୍ରପୁର ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ ୧୧।୧୨ (କଳ୍ପତରୁ ନାୟକ)


ପ୍ରଶାସନିକ ଅଧିକାରୀମାନେ ଭତ୍ତା ପ୍ରଦାନ କରୁଛନ୍ତି।

ପଟ୍ଟାମୁଣ୍ଡାଇ ବ୍ଲକର ବଳଭଦ୍ରପୁର ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ବିଡିଓ ଶୁଭ୍ରାଂଶୁ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଅତିରିକ୍ତ ବିଡିଓ ସନ୍ତୋଷ କୁମାର ମନ୍ତ୍ରୀ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ସମିତିସଭ୍ୟ କୈଳାସ ପରିଡା ଯୋଗଦେଇ ପଲ୍ଲୀ ପ୍ରଶାସନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଆବାସ, ରାଶନକାର୍ଡ ଓ ଭତ୍ତାକୁ ମିଶାଇ ସମୁଦାୟ ୧୦ ଆପତ୍ତି ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ୫ଜଣ ଭତ୍ତା ପାଇଁ ଆବେଦନ କରିଥିବାବେଳେ ୨ କେସିସି ଡ଼ାଇରୀ ପାଇଁ ଆବେଦନ କରିଥିଲେ। ୪ ଏସ୍‌ଏଚ୍‌ଜିଙ୍କ ବ୍ୟାଙ୍କ ସଂଯୋଗୀକରଣ, ୫୦ଜଣ ପ୍ରାଣୀଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା। ଏହି ସରକାରୀ କାର୍ଯ୍ୟକ୍ରମରେ ମିଶନଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ଜୀବିକା ମିଶନ ସଂଯୋଜିକା ସୁଶ୍ରୀ ସଙ୍ଗୀତା ଭୂୟାଁ, ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଟି, ବ୍ଲକ ସମାଜ କଲ୍ୟାଣ ଅଧିକାରିଣୀ ସସ୍ମିତା ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାମକୃଷ୍ଣ ହାଲଦାର, ଜିଆରଏସ୍, ମେଡିକାଲ ଅଫିସର, ବ୍ଲକ ଉଦ୍ୟାନ ଅଧିକାରୀ ଓ ବ୍ଲକ ପ୍ରାଣ ସମ୍ପଦ ଅଧିକାରୀ ପ୍ରମୁଖ ବ୍ଲକ ସ୍ତରୀୟ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। କାର୍ଯ୍ୟକ୍ରମରେ ଆଗତ ସମସ୍ତ ଅଭିଯୋଗ ଉପରେ ଉଚିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶୃତି ଦିଆଯାଇଛି।

## ମୌଳିକ ଶିକ୍ଷାରେ ସଂସ୍କାର, ସଂସ୍କୃତିକୁ ଗୁରୁତ୍ୱ ଦିଆଯାଉ

କେନ୍ଦ୍ରାପଡା, ୧୧।୧୨ (ଜଗନ୍ନାଥ ଧଳ)

ଶିକ୍ଷା ସମାଜକୁ ସୁଦୃଢ଼ କରିପାରିବ। ଏଥିପାଇଁ ଶିକ୍ଷା ଅଧିକାର ଆଇନ ପ୍ରଣୟନ ସହ ଯୋଜନା ପ୍ରସ୍ତୁତ କରାଯାଉଛି। ମୌଳିକ ଶିକ୍ଷାରେ ସଂସ୍କାର ଓ ସଂସ୍କୃତିକୁ ଗୁରୁତ୍ୱ ଦିଆଯାଉ ବୋଲି କେନ୍ଦ୍ରାପଡ଼ା ସହର ଖଡିଅଙ୍ଗସ୍ଥ ଅଙ୍କୁର ଶିକ୍ଷା ନିକେତନର ୩୨ତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତ ରଖିଛନ୍ତି। ଶିକ୍ଷା ନିକେତନ ଅଧକ୍ଷ ଅମର ପ୍ରସାଦ ସିଂହ ଅଧକ୍ଷତାରେ ଏହି ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି ତରୁଣ କୁମାର ସାହୁ, ଶିକ୍ଷାବିତ୍ ଦୁର୍ଗାପ୍ରସାଦ ରାୟ, ସାମାଜିକ କର୍ମୀ ତଥା ବିଜେଡି ନେତ୍ରୀ ସ୍ନେହପ୍ରଭା ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ ଯେ, ଅଭିଭାବକଙ୍କଠାରୁ ଶିକ୍ଷାର ଆରମ୍ଭ ହୋଇଥାଏ। ଏହାସହ ଶିକ୍ଷାନୁଷ୍ଠାନରେ ସେମାନଙ୍କୁ ସାମ୍ପ୍ରତିକ ସମୟର ପାଠ୍ୟକ୍ରମ ପଢ଼ା ଯାଇଥାଏ। ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଥିଲେ ମଧ୍ୟ ଶୃଙ୍ଖଳା ଜ୍ଞାନ, ସମୟାନୁବର୍ତ୍ତିତା ପରି ସଂସ୍କାର ଏବେ ଦେଖିବାକୁ ମିଳୁନାହିଁ। ଏଥିପାଇଁ ମୌଳିକ ଶିକ୍ଷାରେ ସଂସ୍କାର ଓ ସଂସ୍କୃତି ପ୍ରତି ଆଗ୍ରହ ପ୍ରକାଶ ପାଇଁ ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ। ପରିଚାଳନା କମିଟି ସମ୍ପାଦକ ମହମ୍ମଦ ଜୟିନୁଲ ରହେମନ ବାର୍ଷିକ ବିବରଣୀ ଉପସ୍ଥାପିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷା ନିକେତନର ଶିକ୍ଷକ ପ୍ରଭାକର ବେହେରା, ସତ୍ୟରଞ୍ଜନ ସାହୁ, ଶିକ୍ଷୟିତ୍ରୀ କିରଣମୟୀ ସିଂହ, ରଶ୍ମିତା ବେହେରା, ରଇସା ଖାତୁନ, ଜସ୍ମିନ ଖାତୁନ ପ୍ରମୁଖ ପରିଚାଳନା କରିଥିଲେ।

## ଭାଜପାରେ ମିଶିବା ପରେ ରାଜନଗରରେ ଜ୍ଞାନଦେବଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଭାଜପା ନେତାମାନେ।

ରାଜନଗର, ୧୧।୧୨ (ଭାସ୍କର ରାଉତରାୟ)

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ଛାଡ଼ିଥିବା ବରିଷ୍ଠ ନେତା ଜ୍ଞାନଦେବ ବେଉରା ଛାଡ଼ି ଥିଲେ। ଚଳିତମାସ ପ୍ରଥମ ସପ୍ତାହରେ ଭୁବନେଶ୍ୱର ଭାଜପା କାର୍ଯ୍ୟାଳୟରେ ଦଳରେ ଜ୍ଞାନଦେବ ସାମିଲ ହୋଇଥିଲେ। ଭାଜପାରେ ସାମିଲ ହେବା ପରେ ସେ ପ୍ରଥମଥର ପାଇଁ ରବିବାର ରାଜନଗର ଆସିଥିଲେ। ତାଙ୍କୁ ତାଙ୍କର ପୁରୁଣା ସମର୍ଥକ ଓ ଭାଜପା କର୍ମୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ମାତ୍ର ରାଜନଗରର ପୂର୍ବତନ ବିଧାୟକ ତଥା ଭାଜପା ନେତା ଅଲେଖ କୁମାର ଜେନା, ଯୁବନେତା ଲଳିତ କୁମାର ବେହେରା ଓ ତାଙ୍କ ସମର୍ଥକ ବୈଠକରେ ସାମିଲ ହୋଇନାହାନ୍ତି। କିନ୍ତୁ ଜିଲା ମନ୍ କି ବାତ୍‌ର ସଂଯୋଜକ ଅଜୟ କୁମାର ବେହେରା ଓ ତାଙ୍କ ସମର୍ଥକମାନେ ଏହି ବୈଠକରେ ସାମିଲ ହୋଇଛନ୍ତି।

ରାଜନଗର ବ୍ଲକର ସାନ ବଡଗୋପାଳପୁର ସ୍ଥିତ ନୀଳାଦ୍ରିବିହାରୀ ମଣ୍ଡପରେ ଭାଜପା ନେତା ନୀଳମଣି ସାହାଣୀଙ୍କ ଆବାହକତ୍ୱ ଓ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ଜ୍ଞାନଦେବ ବେଉରା ଯୋଗଦେଇ ମିଳିମିଶି ଏକ ହୋଇ ଲଢ଼ିବାକୁ ଆହ୍ୱାନ ଦେଇଥିଲେ। ବ୍ୟକ୍ତି ନୁହେଁ ଦଳ ସର୍ବପରି ବୋଲି କହିବା ସହ ସଙ୍ଗଠନକୁ ଆଗେଇ ନେବା ପାଇଁ କର୍ମୀମାନଙ୍କ ମନୋବଳ ବଢାଇବା, ଦଳ ଯାହାକୁ ପ୍ରାର୍ଥୀ କରିବ, ସମସ୍ତେ ସହଯୋଗ କରି ଭାଜପାକୁ ଜିତାଇବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ମନ୍ କି ବାତ୍ ସଂଯୋଜକ ବେହେରା, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜ କିଶୋର ସାହୁ, ତାଙ୍କ ପୁରୁଣା ସହଯୋଗୀ ମେଘଶ୍ୟାମ ସାହୁ, ସଦାଶିବ ଜେନା, ଦେବଦତ୍ତ ରାଉଳ, ନୀଳକଣ୍ଠ ମିଶ୍ର, ନିରଞ୍ଜନ ସ୍ୱାଇଁ ପ୍ରମୁଖ ଜ୍ଞାନଦେବ ହିଁ ରାଜନଗରରେ ଭାଜପା ସଙ୍ଗଠନକୁ ସ୍ୱତନ୍ତ୍ର ପରିଚୟ ଦେଇଥିଲେ। ସେ ଦଳକୁ ଆସିବା ପରେ କର୍ମୀଙ୍କ ମନୋବଳ ବୃଦ୍ଧି ପାଇଛି। ଆଗାମୀଦିନରେ ଭାଜପା ଏକ ଶକ୍ତିଶାଳୀ ଦଳ ରୂପେ ଉଭା ହେବ ବୋଲି କହିଥିଲେ। ଜ୍ଞାନଦେବ ଭାଜପାରେ ମିଶିବା ପରେ ଗତ ନିର୍ବାଚନରେ କଂଗ୍ରେସକୁ ସହଯୋଗ କରିଥିବା ତାଙ୍କର କେତେଜଣ କର୍ମୀଙ୍କୁ ଏହି ସମ୍ବର୍ଦ୍ଧନା ସଭାରେ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ବୈଠକକୁ ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ଆସି ନ ଥିବା ବେଳେ ତାଙ୍କର ସମର୍ଥକଙ୍କ ଅନୁପସ୍ଥିତି ଜ୍ଞାନଦେବଙ୍କ ମିଶ୍ରଣ ପରେ ଦଳରେ ଫାଟକୁ ସୃଷ୍ଟି ହୋଇଥିବା ସାମ୍ନାକୁ ଆସିଛି।

## ଜବତ ଟଙ୍କା କଂଗ୍ରେସ, ବିଜେଡିର ନିର୍ବାଚନୀ ପାଣ୍ଠି


ଭାଜପା ନେତା ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**କେନ୍ଦ୍ରାପଡ଼ା, ୧୧।୧୨ (ଜଗନ୍ନାଥ ଧଳ)**

ଆୟକର ବିଭାଗ ଚଢ଼ାଉରେ ମିଳିଥିବା ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାକୁ ନେଇ କେନ୍ଦ୍ରାପଡ଼ା ଜିଲା ଭାଜପା ସୋମବାର ବିକ୍ଷୋଭ କରିଛି। ସହରର ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଏହି ଘଟଣାରେ ସମ୍ପୃକ୍ତି ଥିବା ଦର୍ଶାଇ କଂଗ୍ରେସ ନେତା ଧୀରଜ ସାହୁ ଓ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରିଛି। ଏହାର ନେତୃତ୍ୱ ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା ନେଇ କହିଛନ୍ତି, ରାଜ୍ୟରେ ଆୟକର ଚଢ଼ାଉ କଂଗ୍ରେସ ଓ ବିଜେଡିର ମୁଖା ଖୋଲି ଦେଇଛି। ଏହି ୨ ଦଳର ଏହା ନିର୍ବାଚନୀ ପାଣ୍ଠି। ଏଥିପାଇଁ ରାଜ୍ୟ ସରକାର କଂଗ୍ରେସ ନେତା ସାହୁଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଏହି ଟଙ୍କାକୁ ବେଆଇନ ଭାବେ ଖର୍ଚ୍ଚ କରିବାକୁ ଯୋଜନା ଥିବାରୁ ଲୁଚା ହୋଇ ରଖାଯାଇଥିଲା। ତେବେ ଆୟକର ବିଭାଗ ଚଢ଼ାଉରେ ସମ୍ପୃକ୍ତ ୨ ଦଳ ଏବେ ସମସ୍ୟାରେ ଅଛନ୍ତି ବୋଲି ଜିଲା ସଭାପତି ପଣ୍ଡା କହିଥିଲେ। ଏହି ବିକ୍ଷୋଭରେ ଜିଲାର ବରିଷ୍ଠ ନେତା ଭୁବନ ମୋହନ ଜେନା, ଦୁର୍ଯ୍ୟୋଧନ ସାହୁ, ସୁନାକର ବେହେରା, ତେଜେଶ୍ୱର ପରିଡା, ଅଭିମନ୍ୟୁ ଗୋଛାୟତ ପ୍ରମୁଖ ସାମିଲ ହୋଇଥିଲେ।

## ରାଜନଗରରେ ସ୍ୱାସ୍ଥ୍ୟ ସେବା ନୁହେଁ ଧମକ ମିଳୁଛି



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବ୍ୟକ୍ତିମାନେ।

**କେନ୍ଦ୍ରାପଡ଼ା, ୧୧।୧୨ (ଜଗନ୍ନାଥ ଧଳ)**

ସ୍ୱାସ୍ଥ୍ୟ ସେବା ଏକ ମୌଳିକ ଆବଶ୍ୟକତା। ଏଥିପାଇଁ ବହୁ ଯୋଜନା ପ୍ରଣୟନ ହେଉଛି। ତେବେ କେନ୍ଦ୍ରାପଡ଼ା ଜିଲାର ରାଜନଗରରେ ସ୍ୱାସ୍ଥ୍ୟସେବା ପରିବର୍ତ୍ତେ ବିଭାଗୀୟ କର୍ମଚାରୀଙ୍କର ଧମକ ମିଳୁଛି। ଏପରି ଅଭିଯୋଗ ଆଣି ରାଜନଗର ଅଞ୍ଚଳର ଗୋପବନ୍ଧୁ ଜନସେବା ସଂଘ ପକ୍ଷରୁ କେନ୍ଦ୍ରାପଡ଼ା ସହର ଗରାପୁରସ୍ଥ ଏକ କଲ୍ୟାଣ ମଣ୍ଡପ ପରିସରରେ ଖବରଦାତା ସମ୍ମିଳନୀ ସୋମବାର ଆୟୋଜିତ ହୋଇଯାଇଛି। ସଂଘ ପ୍ରତିଷ୍ଠାତା ଦିଲୀପ କୁମାର ପାଲ, ସଭାପତି ନାରାୟଣ ପାଣି ପ୍ରମୁଖ କହିଛନ୍ତି, ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀ ସ୍ଥାନୀୟ ଲୋକଙ୍କୁ ସେବା ବଦଳରେ ସାମାନ୍ୟ ରୋଗ ପାଇଁ କଟକ ବଡ଼ ଡାକ୍ତରଖାନାକୁ ରେଫର କରୁଛନ୍ତି। ଏପରିକି ଏହି ଅବସ୍ଥା ରାଜନଗର ସିଏଚସିରେ ଦେଖିବାକୁ ମିଳୁଛି। ଖାଦ୍ୟ ବ୍ୟବସ୍ଥା, ସାର୍ଟିଫିକେଟ ପ୍ରଦାନ କ୍ଷେତ୍ରରେ ହିତାଧିକାରୀଙ୍କୁ ଅବହେଳା କରାଯାଉଛି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିବାରୁ ସେବା ସଂଘ ପକ୍ଷରୁ ତନଖି ପାଇଁ ସଭ୍ୟମାନେ ସିଏଚସିରେ ରୋଗୀଙ୍କ ସହ ଗତ ୨୯ ତାରିଖରେ ଆଲୋଚନା କରୁଥିଲେ। ତେବେ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀମାନେ ଏହାକୁ ବିରୋଧ କରିବା ସହ ସଭ୍ୟଙ୍କୁ ଧମକ ଦେଇ ଜୋରଜବରଦସ୍ତ ତଡ଼ି ଦେଇଥିଲେ। ଏ ନେଇ ସ୍ଥାନୀୟ ଥାନାରେ ସଂଘ ପକ୍ଷରୁ ଅଭିଯୋଗ ଦିଆଯାଇଛି। ଅପରପକ୍ଷରେ ଜିଲାର ଡାକ୍ତର ସମୂହ ସଂଘ ସଭ୍ୟଙ୍କ ତନଖିରେ ବ୍ୟତିବ୍ୟସ୍ତ ହୋଇପଡିଛନ୍ତି। ଲୋକଙ୍କୁ ସେବା ନ ଯୋଗାଇ ପ୍ରକୃତ ଘଟଣାକୁ ଚାପି ଦେବା ପାଇଁ ଥାନାରେ ସଂଘ ସଭ୍ୟଙ୍କ ନାମରେ ଅଭିଯୋଗ ପତ୍ର ଦାଏର କରିଛନ୍ତି। ତେବେ ସଂଘ ପକ୍ଷରୁ ଲୋକଙ୍କ ସ୍ୱାର୍ଥ ପାଇଁ ସର୍ବଦା ଲଢ଼େଇ କରିବାକୁ ପ୍ରସ୍ତୁତ ଥିବା ସେମାନେ ଏଠାରେ ପ୍ରକାଶ କରିଛନ୍ତି।

## ରାଜନଗରରେ ଗଡ଼ିଲା ଆମ ସଂକଳ୍ପ ବିକଶିତ ଭାରତ ରଥ

**ରାଜନଗର, ୧୧।୧୨ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକରେ ସୋମବାର ଠାରୁ ଗଡିଛି ଆମ ସଂକଳ୍ପ ବିକଶିତ ଭାରତ ରଥ। ପ୍ରଥମ ଦିନରେ ବ୍ଲକର ବନ୍ଧପଡ଼ା ଓ ଓସ୍ତିଆ ପଞ୍ଚାୟତରେ ରଥ ପହଞ୍ଚିବା ପରେ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବନ୍ଧପଡ଼ାରୁ ଗଡ଼ି ଥିବା ଏହି ରଥ ପଞ୍ଚାୟତ ପରିକ୍ରମା କରିବା ପରେ ଓସ୍ତିଆ ପଞ୍ଚାୟତ ଯାଇଥିଲା। ବିଡିଓ ନିଶାନ ମିଶ୍ର, ଡା. ଟିଟି ମିଶ୍ର, ଜିପିଇଓ ଧର୍ମେନ୍ଦ୍ର ଦାସ, ବିପିଏମ୍ ରଶ୍ମୀ ରଞ୍ଜନ ଦାଶ, ବିଏଲପି ନିହାର ରଞ୍ଜନ ବିଶ୍ୱାଳ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିବେକାନନ୍ଦ ମଲ୍ଲିକ, ଜିଆରଏସ୍ ଦିପ୍ତୀମୟୀ ବେହୁରା, ବିଦ୍ୟାରାଣୀ ପରିଡା ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକମାନଙ୍କୁ ବୁଝାଇଥିଲେ।

## କାଉପଡ଼ା ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

ଡେରାବିଶ, ୧୧।୧୨(ବେବର୍ତ୍ତା ଅଜୟ ଦାସ)


ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଗ୍ରହଣ କରୁଛନ୍ତି।

ଡେରାବିଶ ବ୍ଲକ ଅନ୍ତର୍ଗତ କାଉପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ଲକ ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଦାଶରଥି ଜେନା, ସିଡିପିଓ ସ୍ନେହଲତା ସାହୁ, ଏବିଡିଓ ଭଞ୍ଜ କିଶୋର ନାୟକ, ସରପଞ୍ଚ ପ୍ରତାପ ବେହେରା, ସମିତିସଭ୍ୟ ମିଳନପ୍ରଭା ମଲିକ ଉପସ୍ଥିତ ରହି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ଆସିଥିବା ୧୫ଟି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ବାସଗୃହ ଯୋଜନା, ରାଶନ କାର୍ଡ ତଥା ଭତ୍ତାରୁ ବଞ୍ଚିତ ଥିବା ହିତାଧିକାରୀ ସେମାନଙ୍କ ଅଭିଯୋଗ ପ୍ରଦାନ କରିଥିଲେ। ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ବିଭିନ୍ନ ଗ୍ରାମରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ମଠ ମନ୍ଦିରର ଉନ୍ନତୀକରଣ ପାଇଁ ଦରଖାସ୍ତମାନ ଆସିଥିଲା। ଏହି ଅଭିଯୋଗ ମଧ୍ୟରୁ କେତେଗୋଟିର ତ୍ୱରିତ ସମାଧାନ କରାଯିବା ସହ ଅନ୍ୟଗୁଡ଼ିକ ବିଭାଗୀୟ ଅଧିକାରୀଙ୍କ ନିକଟକୁ ବିଡିଓ ଜେନା ପଠାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ମତ୍ସ୍ୟ ଅଧିକାରୀ ରଶ୍ମିରଞ୍ଜନ ଦାସ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ବିଭୁଦତ୍ତ ଦାସ, ପ୍ରମୋଦ କୁମାର ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସେମାନଙ୍କ ବିଭାଗର ଅଭିଯୋଗମାନ ଗ୍ରହଣ କରିଥିଲେ। ଏଥିରେ ୧୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଭାଗର ଷ୍ଟଲ୍ ଖୋଲାଯାଇଥିଲା। ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର ଅଭିଜିତ ରାୟଙ୍କ ତତ୍ତ୍ୱାବଧାନରେ ଖୋଲାଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ଫାର୍ମାସିଷ୍ଟ ସଲିଳା ତ୍ରିପାଠୀ, ସ୍ୱାସ୍ଥ୍ୟ ସେବିକା ସସ୍ମିତା ଜେନା, ପ୍ରୀତିନନ୍ଦା ଦାସ, ପ୍ରଶାନ୍ତ କୁମାର ନନ୍ଦ, ଦୀପ୍ତିରଞ୍ଜନ ସିଂ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧୀଶୋଭାମୟୀ ସିଂ, ଜିଆର୍‌ଏସ୍ ସନ୍ଧ୍ୟାରାଣୀ ସାହୁ ଓ ଅନିଲ କୁମାର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## କୁରାଳ କଲେଜକୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ



ଓଡ଼ଗାଁ,୧୧।୧୨(ଆଦର୍ଶ କୁମାର ପଟ୍ଟନାୟକ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟକୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ କରାଯାଇଛି। ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ ସୋମବାର ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ଅବନୀକାନ୍ତ ପାତ୍ରଙ୍କୁ ତହସିଲ କାର୍ଯ୍ୟାଳୟଠାରେ ଏହି ପଟ୍ଟା ପ୍ରଦାନ କରିଛନ୍ତି। ପୂର୍ବରୁ ଯୁକ୍ତ ୩ ଶାସ୍ତ୍ରୀ ପାଇଁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ କରିଥିବାବେଳେ ସୋମବାର ଯୁକ୍ତ ୨ ଉପଶାସ୍ତ୍ରୀ ପାଇଁ ଜମି ପଟ୍ଟା ପ୍ରଦାନ କରାଯାଇଛି। ପଟ୍ଟା ପାଇବା ପରେ ମହାବିଦ୍ୟାଳୟ ସମେତ କୁରାଳ ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି। ସଭାପତି ଡ଼. ଗୋପୀନାଥ ସାହୁ, ଅଧ୍ୟକ୍ଷ ପ୍ରଫେସର ଭାବଗ୍ରାହୀ କରଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀଛାତ୍ର ରାଜ୍ୟ ସରକାର ତଥା ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି।

# ୧୨ ନଂ. ୱାର୍ଡ କଲ୍ୟାଣମଣ୍ଡପ ଉଦ୍‌ଘାଟନ ନେଇ ବିବାଦ

- ଦଶପଲ୍ଲା ଏନ୍‌ଏସି ବୈଠକରେ ହୋହାଲ୍ଲା, ପାଟିତୁଣ୍ଡ
- ଉଦ୍‌ଘାଟନୀ ଫଳକରେ ନାଁ ଲେଖାକୁ ନେଇ ଉଦ୍‌ବେଗ
- ୯ ବିଜେଡି କାଉନସିଲରଙ୍କ ବୈଠକ ବର୍ଜନ
- କାଉନସିଲରଙ୍କ ଅଗୋଚରରେ ନାଁ ଲେଖାକୁ ନେଇ ପ୍ରଶ୍ନ

ନୟାଗଡ଼/ଦଶପଲ୍ଲା,୧୧।୧୨ (ଲୋକନାଥ ମିଶ୍ର/ ପ୍ରକାଶ କୁମାର ପାଣି)



ଏନ୍‌ଏସି ବୈଠକରେ ଅଧ୍ୟକ୍ଷା ପୁନମ୍ ପ୍ରିୟଦର୍ଶିନୀ ଓ ଅନ୍ୟମାନେ।

ସୋମବାର ନୟାଗଡ଼ ଜିଲାର ଦଶପଲ୍ଲା ଏନ୍‌ଏସିର ୧୨ତମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅଧ୍ୟକ୍ଷ ପୁନମ ପ୍ରିୟଦର୍ଶିନୀ ଅଧ୍ୟକ୍ଷତା କରିଥିଲେ। ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ବର ମହାପାତ୍ର ଓ ୧୩ କାଉନସିଲର ଉପସ୍ଥିତ ଥିଲେ। ବୈଠକ ଆରମ୍ଭ ହେବା ପରେ ୧୨ ନଂ. ୱାର୍ଡ କଲ୍ୟାଣମଣ୍ଡପର ଉଦ୍‌ଘାଟନ ତାତି ବୈଠକରେ ଦେଖିବାକୁ ମିଳିଥିଲା। ୬ ନଂ. ବିଜେଡି କାଉନସିଲର ମନୋଜ କୁମାର ସାହୁ ପ୍ରଶ୍ନ କରିଥିଲେ, ଗତ ୯ ତାରିଖରେ କଲ୍ୟାଣମଣ୍ଡପ ଉଦ୍‌ଘାଟନ ଫଳକରେ କାଉନସିଲରଙ୍କ ଅଗୋଚରରେ ନାଁ କିପରି ସ୍ଥାନୀତ କରାଗଲା। ସେହିପରି ଅନ୍ୟ ବିଜେଡ଼ି କାଉନସିଲର ମଧ୍ୟ ଭିନ୍ନ ଭିନ୍ନ ପ୍ରଶ୍ନ କରି ଚେୟାରମ୍ୟାନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଘେରିଥିଲେ। ଏପରିକି କଲ୍ୟାଣମଣ୍ଡପ ଉଦ୍‌ଘାଟନୀକୁ ନେଇ ବିଭିନ୍ନ ପ୍ରକାରର ପ୍ରଶ୍ନ ଉଠାଇ ଉଦ୍‌ବେଗ୍ ଓ ଅସନ୍ତୋଷ ବ୍ୟକ୍ତ କରିଥିଲେ। ହେଲେ ସନ୍ତୋଷଜନକ ଉତ୍ତର ନ ପାଇବାରୁ ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ବୈଠକକୁ ବର୍ଜନ କରିଥିଲେ। ୯ଜଣ କାଉନସିଲର ବୈଠକ ବର୍ଜନ କରିବା ପରେ ବୈଠକ ବାତିଲ ହୋଇ ନ ଥିଲା। ଏ ନେଇ ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାସ କୁହନ୍ତି ଆମ ଅଗୋଚରରେ ଆମ ନାଁ କଲ୍ୟାଣମଣ୍ଡପ ନାମ ଫଳକରେ ରହିଲା। ଏ ନେଇ ପ୍ରଶ୍ନର ଉତ୍ତର ମିଳିଲା ନାହିଁ। ଅନ୍ୟପକ୍ଷେ ଦଶପଲ୍ଲା ବିକାଶରେ ଅଧ୍ୟକ୍ଷ ବାଧକ ସାଜୁଥିବାରୁ ୧୩ ସଭ୍ୟଙ୍କ ମଧ୍ୟରୁ ୯ଜଣ ବୈଠକ ବର୍ଜନ କଲୁ। ଚେୟାରମ୍ୟାନ ପୁନମ ପ୍ରିୟଦର୍ଶିନୀ କୁହନ୍ତି, ବୈଠକ କାହିଁକି ଡକାଯାଇଛି ସେ ନେଇ ପୂର୍ବରୁ କାଉନସିଲରଙ୍କୁ ଅବଗତ କରାଯାଇଥିଲା। ୯ ବିଜେଡି କାଉନସିଲର ବୈଠକ ବର୍ଜନ ନେଇ କହିଥିଲେ, ବୈଠକ ବାତିଲ ହୋଇନାହିଁ। କାହାର କାମ ଥିଲେ କିଏ ଚାଲିଗଲେ କ'ଣ କରାଯାଇପାରିବ।

ଗତ ୧୦ ତାରିଖରେ ଦଶପଲ୍ଲା ଏନ୍‌ଏସି ୧୨ ନଂ. ୱାର୍ଡର ଗଜାନନ ବଜାର ନିକଟରେ ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପର ଶିଳାନ୍ୟାସ ହେବାର ରହିଥିଲା। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଏହାର ଉଦ୍‌ଘାଟନ କରିବା ପାଇଁ ପ୍ରସ୍ତୁତି ଚାଲୁ ରହିଥିଲା। ତେବେ ଗତ ୯ ତାରିଖରେ ଦଶପଲ୍ଲା ଏନ୍‌ଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସ ଫଳକରେ ଅଧ୍ୟକ୍ଷାଙ୍କ ସମେତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ବର ମହାପାତ୍ର ଓ ସମସ୍ତ କାଉନସିଲରଙ୍କ ନାଁ ରହିଥିଲା। ବିଜେଡି କାଉନସିଲରଙ୍କ ଅଗୋଚରରେ ଉଦ୍‌ଘାଟନ ହୋଇଥିବାରୁ ବିବାଦ ଦେଖା ଦେଇଥିଲା। ଗତ ୧୦ତାରିଖରେ ଦଶପଲ୍ଲା ବିଧାୟକ ସେହି ବିବାଦୀୟ ଗଜାନନ ବଜାର ନିକଟସ୍ଥ କଲ୍ୟାଣ ମଣ୍ଡପରେ ସାଧାରଣ ସଭା କରଥିଲେ। ଅଧ୍ୟକ୍ଷାଙ୍କ ଉଦ୍‌ଘାଟନ ଓ ବିଧାୟକଙ୍କ ସଭା ପରେ ଦଶପଲ୍ଲା ରାଜନୀତି ରୋଚକ ସ୍ଥିତିରେ ପହଞ୍ଚି ଥିଲା। ଉଲ୍ଲେଖଥାଉକି ଦଶପଲ୍ଲା ଏନ୍‌ଏସିରେ ୧୬ କାଉନସିଲରଙ୍କ ମଧ୍ୟରୁ ୮ଜଣ ସ୍ୱାଧୀନ କାଉନସିଲର ହୋଇଥିବାବେଳେ ୮ଜଣ ବିଜେଡି କାଉନସିଲର। ତେବେ ବିଜେଡି ଅସନ୍ତୁଷ୍ଟ ପ୍ରାର୍ଥୀ ପୁନମ ପ୍ରିୟଦର୍ଶିନୀ ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ପ୍ରଥମେ ତାଙ୍କୁ ସ୍ୱାଧୀନ କାଉନସିଲର ସହଯୋଗ କରିଥିଲେ। ପରେ ବିଜେଡି ପାର୍ଶ୍ୱକୁ ସ୍ୱାଧୀନ କାଉନସିଲର କିଶୋର ଚନ୍ଦ୍ର ଦାସ ସହଯୋଗ କରି ଉପାଧ୍ୟକ୍ଷ ହୋଇଥିଲେ। ୧୬ ସଦସ୍ୟ ବିଶିଷ୍ଟ ଏନ୍‌ଏସିରେ ବିଜେଡିର ସଭ୍ୟ ସଂଖ୍ୟା ୯ରେ ପହଞ୍ଚି ଥିବାରୁ ଅଧ୍ୟକ୍ଷାଙ୍କ ପାଇଁ ଟେନସନ ବଢ଼ିବ ବୋଲି କୁହାଯାଉଛି।

## ଓଡ଼ଗାଁ କଲେଜରେ ଭାରତୀୟ ଭାଷା ଦିବସ

ଓଡଗାଁ,୧୧।୧୨ (ଆଦର୍ଶ କୁମାର ପଟ୍ଟନାୟକ)

ସ୍ଥାନୀୟ ରଘୁନାଥ ସମବାୟ ମହାବିଦ୍ୟାଳୟ ପରିସରରେ ଭାରତୀୟ ଭାଷା ଦିବସ ପାଳିତ ହୋଇଯାଇଛି। ଓଡ଼ିଆ ବିଭାଗ ବିଭାଗୀୟ ମୁଖ୍ୟ ଡ. ଚିତ୍ତରଞ୍ଜନ ଦାଶଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ରୂପେ ଅଧ୍ୟକ୍ଷ ରାଜକିଶୋର ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଓଡ଼ିଆ ଏକ ବିଜ୍ଞାନ ସମ୍ମତ ଭାଷା ଏବଂ ଏହି ଭାଷାର ବ୍ୟବହାରିକ ଦିଗ ପ୍ରତି ସଚେତନ ରହିବା ଉଚିତ। ଠିକ୍ ସେହିପରି ମଣିଷର ନୀରବତାରୁ ବେଳେବେଳେ ଭାଷା ବୁଝି ହୁଏ। ଓଡ଼ିଆ ଭାଷାର ପ୍ରାଚୀନତା, ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତର ସମ୍ଭାବନା ସମ୍ପର୍କରେ ଗବେଷଣାତ୍ମକ ତଥ୍ୟ ଉପସ୍ଥାପନ କରିଥିଲେ। ବିଶିଷ୍ଟ ଅତିଥି ରୂପେ ଅଧ୍ୟାପକ ବିପିନ କୁମାର ମହାପାତ୍ର ଯୋଗଦେଇ ଓଡ଼ିଆ ଭାଷା ଆମର ଜାତୀୟ ଅସ୍ମିତା, ତେଣୁ ଭାଷା ବଞ୍ଚି ରହିଲେ ଜାତି ବଞ୍ଚି ରହିବ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଯୁକ୍ତ ୩ ଓ ଯୁକ୍ତ ୨ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

## ରୋହିବାଙ୍କ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ

ଓଡଗାଁ, ୧୧।୧୨ (ଆଦର୍ଶ କୁମାର ପଟ୍ଟନାୟକ)

ସୋମବାର ଓଡ଼ଗାଁ ବ୍ଲକ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ରୋହିବାଙ୍କଠାରେ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରଣୀ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ଗାଁ ଏବିଇଓ ତଥା ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଏବଂ ଗାଇଡ଼ର ରାଜ୍ୟ ସଂଯୋଜକ ରବୀନ୍ଦ୍ର କୁମାର ନାୟକ, ସମ୍ମାନିତ ଅତିଥି ଭାବେ କୋମଣ୍ଡ ଓ କୁରାଳର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଲଳିତ ମୋହନ ମିଶ୍ର ଓ ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଆରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅତିଥିମାନଙ୍କୁ ବ୍ୟାଣ୍ଡ ଡ୍ରମ ବାଦ୍ୟସହ ପରେଡ଼ କରି ମଞ୍ଚକୁ ପାଛୋଟି ନେଇଥିଲା। ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ମହାପାତ୍ର ସ୍ୱାଗତ ଅଭିଭାଷଣ ଦେବା ପରେ ଅତିଥିମାନଙ୍କ ଦ୍ୱାର ଉତ୍ସବକୁ ଉଦ୍‌ଘାଟନ କରାଯାଇଥିଲା। ଶିକ୍ଷୟିତ୍ରୀ ରାଇମଣି ଟୁଡୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଷ୍ଣୁପ୍ରିୟା ବାରିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିଦ୍ୟାଳୟର ଛାତ୍ରମାନେ ସ୍ଥାନୀୟ ଗ୍ରାମଦେବତୀଙ୍କ ନିକଟରୁ ମଶାଲ ଶୋଭାଯାତ୍ରାରେ ଆସି ମୁଖ୍ୟଅତିଥିଙ୍କୁ ହସ୍ତାନ୍ତର କରିରିଥିଲେ। ପରେ ମୁଖ୍ୟ ଅତିଥି ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବେଦ ପାଠ, ସ୍ୱାଗତ ସଙ୍ଗୀତ ଓ ବିଭିନ୍ନ କ୍ରୀଡା ନୃତ୍ୟ ସମସ୍ତଙ୍କୁ ଆକର୍ଷିତ କରିଥିଲା। ଏଥିସହ ଛାତ୍ରୀଛାତ୍ରମାନେ କ୍ରୀଡ଼ାର ଶୃଙ୍ଖଳା ଓ ନୀତିନିୟମ ରକ୍ଷା କରିବାକୁ ଶପଥ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଶିଶୁ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସାଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ରୀଡା ଶିକ୍ଷକ ଆଲୋକ ନାୟକ ଓ ଶିକ୍ଷକ ଖଗେଶ୍ୱର ବେହେରା ଖେଳ ପରିଚାଳନା କରିଥିବାବେଳେ ଶିକ୍ଷକ ରାଧାଗୋବିନ୍ଦ ନାୟକ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିଚାଳନା କମିଟି ସଭ୍ୟା ସଭ୍ୟମାନେ ସହଯୋଗ କରିଥିଲେ।



କୀଡ଼ା ଉତ୍ସବରେ ଅତିଥି ଗହଣରେ ପିଲାମାନେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

ଖଣ୍ଡପଡ଼ା,୧୧।୧୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୀଳମାଧବ ବିହାରର ଏକବିଂଶତମ କ୍ରୀଡା ପ୍ରତିଯୋଗିତା ସୋମବାରଠାରୁ ଆରମ୍ଭ ହୋଇଛି। ସମସ୍ତ ଛାତ୍ରୀଛାତ୍ରମାନେ ସ୍ଥାନୀୟ ପଲଟନ ପଡ଼ିଆରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏ ଅବସରରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟତ୍ରୀଶିକ୍ଷକମାନେ ଗ୍ରାମ ପରିକ୍ରମା କରି ନୀଳମାଧବ ଜୀଉଙ୍କଠାରେ ପୂଜାର୍ଚ୍ଚନା କରି ଏକ ମଶାଲ ଶୋଭାଯାତ୍ରାରେ ପଲଟନ ପଡ଼ିଆକୁ ଆସିଥିଲେ। ପଡ଼ିଆରେ ଅନୁଷ୍ଠାନର ସଭାପତି ପ୍ରଦୀପ କୁମାର କର ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୧୦୦ ମିଟର ଦୌଡ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଧୀର ସାଇକେଲ ଚାଳନା,



ବାର୍ଷିକ କ୍ରୀଡ଼ା ଉତ୍ସବରେ ଯୋଗ ଦେଇଥବା ଛାତ୍ରୀଛାତ୍ରମାନେ।

ଅଖା ଦୌଡ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏ ଉତ୍ସବ ୩ ଦିନ ଧରି ଚାଲିବ ବୋଲି ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ କାଶୀନାଥ ମହାରଣା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ରାଜଶ୍ରୀ ସାହୁ, ସରିତା ରଥ, କାଜଲ ମିଶ୍ର, ଶିକ୍ଷକ ମନୋଜ କୁମାର ମହାପାତ୍ର, ପ୍ରମୋଦ କୁମାର ସାହୁ, ସୁଶାନ୍ତ କୁମାର ମହାରଣା ପ୍ରମୁଖ ସହଯୋଗ କରିଥିଲେ।

## ଟ୍ରକ୍ ଧକ୍କାରେ ରାଜମିସ୍ତ୍ରିଙ୍କ ମୃତ୍ୟୁ

- ଜାତୀୟ ରାଜପଥ ଅତିକ୍ରମ କରୁଥିଲେ
- ୨୦ ମିଟର ଡେଇଁଥିଲେ ପଡ଼ିଥାନ୍ତା ଘର

ନୟାଗଡ,୧୧।୧୨(ଲୋକନାଥ ମିଶ୍ର)

ରାଜମିସ୍ତ୍ରି କାମ ଶେଷ କରି ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ଅତିକ୍ରମ କରି ଘରକୁ ଫେରୁଥିବାବେଳେ ନୟାଗଡ଼ ପୁରୁଣା ସହର କାଳୁ ଚରଣ ଲାଲ(୪୪)ଙ୍କର ଟ୍ରକ୍ ଧକ୍କାରେ ମୃତ୍ୟୁ ହୋଇଛି। ଜାତୀୟ ରାଜପଥରେ ଆଉ ୨୦ମିଟର ଅତିକ୍ରମ କରିଥିଲେ ଘରେ ପହଞ୍ଚି ଥାନ୍ତେ। ତେବେ ଘରକୁ ଯିବା ବାଟରେ ଟ୍ରକ୍ ମାଡ଼ି ଯିବାରୁ ମୃତ୍ୟୁ ହୋଇଛି। ପ୍ରାପ୍ତ ସୂଚନା ଅନୁସାରେ, ନୟାଗଡ଼ ପୁରୁଣା ସହରର ଦକ୍ଷିଣକାଳୀ ମନ୍ଦିର ନିକଟରେ କାଳୁ ଚରଣ ଲାଲଙ୍କ ଘର। ତେବେ ସେ ଜଗନ୍ନାଥ ମନ୍ଦିର ପାଖରେ ଭଡ଼ାରେ ରହୁଥିଲେ। ରାଜମିସ୍ତ୍ରି କାମ ଶେଷ କରି ସୋମବାର ଅପରାହ୍ନରେ ଅଟୋ ଯୋଗେ ଘରକୁ ଫେରିଥିଲେ। ଅଟୋରୁ ଓହ୍ଲାଇ ଜାତୀୟ ରାଜପଥ ଅତିକ୍ରମ କରି ଘରକୁ ପାଦରେ ଚାଲି ରାସ୍ତା ଅତିକ୍ରମ କରୁଥିବାବେଳେ ନୟାଗଡ଼ରୁ ଦଶପଲ୍ଲା ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଟ୍ରକ୍ ନଂ. ଓଡି୦୨ଡିଏଫ ୨୪୬୬ ଅପରାହ୍ନ ୩ ଟାରେ ତାଙ୍କ ଉପରେ ମାଡ଼ି ଯାଇଥିଲା। ସ୍ଥାନୀୟ ଲୋକ ତାଙ୍କୁ ଅଟୋ ଯୋଗେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ନୟାଗଡ଼ ଟାଉନ ଥାନାରେ ନଂ.୩୨୩ /୨୩ରେ ମାମଲା ରୁଜୁ ହୋଇଛି। ପୋଲିସ ଦୁର୍ଘଟଣା ଗସ୍ତ ଟ୍ରକ୍‌କୁ ଅଟକ ରଖି ତଦନ୍ତ କରୁଛି। ଅନ୍ୟପକ୍ଷେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେହିଭଳି ୧୦ ହଜାର ଟଙ୍କା ରେଡକ୍ରସରୁ ସହାୟତା ଦିଆଯିବ ବୋଲି ନୟାଗଡ଼ ତହସିଲଦାର ରାକେଶ କେଶର ସ୍ୱାଇଁ ସୂଚନା ଦେଇଛନ୍ତି।

## ସଙ୍କୁଳସ୍ତରୀୟ ଖେଳକୁଦ ସମାରୋହ

ଶରଣକୁଳ, ୧୧।୧୨ (ଦୀପକ କର)

ଶରଣକୁଳ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ନୟାଗଡ଼ ସଂକୁଳ ସ୍ତରୀୟ ଖେଳକୁଦ ସମାରୋହ ହୋଇଯାଇଛ। ସମାରୋହରେ ମୁଖ୍ୟ ଅତିଥି ରୂପେ ଶରଣକୁଳ ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ ରଥ ଯୋଗଦେଇଥିଲେ। ଅନ୍ୟତମ ଅତିଥି ରୂପେ ସଂକୁଳ ପ୍ରମୁଖ ଦିଲୀପ କୁମାର ମିଶ୍ର, ସଂକୁଳ ସଂଯୋଜକ ଅମ୍ବିକା ପ୍ରସାଦ ପଟ୍ଟନାୟକ, ବିଦ୍ୟାଳୟର ସଭାପତି ସୁରେନ୍ଦ୍ର ପ୍ରଧାନ, ସମ୍ପାଦକ ପ୍ରଫୁଲ୍ଲ କୁମାର ପ୍ରଧାନ ଯୋଗଦେଇଥିଲେ। ଖେଳକୁଦରେ ସବୁବର୍ଗରୁ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ୯ଟି ବିଦ୍ୟାଳୟର ଯୋଗ ଦେଇଥିବା ଆଚାର୍ଯ୍ୟାଆଚାର୍ଯ୍ୟମାନେ ସହଯୋଗ କରିଥିଲେ।



କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ଅଟୋ ଦୁର୍ଘଟଣାରେ ଚାଳକଙ୍କ ସମେତ ୪ ଆହତ

ଖଣ୍ଡପଡା,୧୧।୧୨ (ଅଜୟ କୁମାର ମହାରଣା)

କଣ୍ଟିଲୋରୁ ଖଣ୍ଡପଡ଼ା ବାଇପାସ ରାସ୍ତା ଦେଇ ନୟାଗଡ଼ ଅଭିମୁଖେ ଏକ ଅଟୋ ଯୋଗେ ଗୋଟିଏ ପରିବାରର ୪ଜଣ ସଦସ୍ୟ ସୋମବାର ଅପରାହ୍ନ ୪ଟାରେ ଯାଉଥିଲେ। ଅସାବଧାନତା ବଶତଃ ଖଣ୍ଡପଡ଼ା ନିକଟସ୍ଥ ଜିଲିପଡ଼ା ଗ୍ରାମ ନିକଟରେ ଏକ ଗଛରେ ପିଟି ହୋଇଯାଇ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲା। ଏହି ଦୁର୍ଘଟଣାରେ ଚାଳକ ସାଗର ଦାସ, ଗୁରୁତର ଆହତ ହୋଇଥିବା ବେଳେ ଅଟୋରେ ଯାଉଥିବା ଦୀପକ ସାହୁ, ପୀତାମ୍ବର ଦାସ ଓ ଇସ୍ମିତା ଦାସ ଆହତ ହୋଇଛନ୍ତି। ଆହତମାନଙ୍କୁ ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରୁ ଉଦ୍ଧାର କରି ଆଶୁ ଚିକିତ୍ସା ନିମନ୍ତେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଜଣାଯାଇଛି।

## ବିଭିନ୍ନ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

ଦଶପଲ୍ଲା, ୧୧।୧୨ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ଏନଏସି ବିଭିନ୍ନ ସ୍ଥାନରେ ବିଧାୟକ ରମେଶ ବେହେରାଙ୍କଙ୍କ ଦ୍ୱାରା ଉଦ୍‌ଘାଟନ ଓ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ସହାୟତା ମାଧ୍ୟମରେ ଦଶପଲ୍ଲା ବିଧାୟକଙ୍କ ଦ୍ୱାରା ପ୍ରଥମେ ୩ନଂ. ୱାର୍ଡର ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିରର ପୁନରୁଦ୍ଧାର ଓ ଉନ୍ନତୀକରଣ, ଉତ୍କଳ ବାରିକ ସାମାଜ ନୂତନ ଗୃହ ନିର୍ମାଣ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ଓ ନୂତନ ଅଙ୍ଗନବାଡି କେନ୍ଦ୍ରର ଶୁଭ ଉଦ୍‌ଘାଟନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସେହିପରି ଅନ୍ଧାରକୋଟଠାରେ ମଧୁ ବୈଶ୍ୟ ନୂତନ ଗୃହ ନିର୍ମାଣ ପାଇଁ ଶୁଭ ସ୍ଥାପନ କରିଥିବା ବେଳେ ୬ନଂ. ୱାର୍ଡର ହାଟ ପଡ଼ିଆଠାରେ ବରିଷ୍ଠ ନାଗରିକମାନଙ୍କ ପାଇଁ ନୂତନ ଗୃହ ଓ ଶୁଣ୍ଡି ସମାଜ ସଭା ଗୃହ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ୧ନଂ. ୱାର୍ଡରେ ବହୁମୁଖୀ ଗୋଷ୍ଠୀ କଲ୍ୟାଣ ଗୃହ ନିର୍ମାଣ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିବା ପରେ ୧୨ନଂ. ୱାର୍ଡରେ ପହଞ୍ଚି ବହୁମୁଖୀ ଗୋଷ୍ଠୀ କଲ୍ୟାଣମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ସେଠାରେ ଏକ ସଭା ଅନୁଷ୍ଠିତ ହାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ବେହେରା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବିଷୟରେ ଉଦ୍‌ବୋଧନ ଦେବା ସହ ଦଶପଲ୍ଲାର ଉନ୍ନତି ପାଇଁ ଆହ୍ୱାନ ଦେଇଥିଲେ। ଉକ୍ତ ସାଧାରଣ ସଭାରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ବ୍ଲକ ବିଜେଡି ସଭାପତି ସୁଦାମ ଚରଣ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ, ଏନ୍‌ଏସି ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟ ହରିଶ୍ଚନ୍ଦ୍ର ଜାନୀ ବିଜେଡିର ବିଭିନ୍ନ ୱାର୍ଡର କାଉନ୍‌ସିଲର, ସରପଞ୍ଚ, ସମିତିସଭ୍ୟମାନେ ଯୋଗ ଦେଇଥିଲେ। ଜିଲା ପରିଷଦ ସଭ୍ୟ ବସନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ବିଧାୟକ ରମେଶ ବେହେରା ଓ ଅନ୍ୟମାନେ।

## ପ୍ରଧାନ ଶିକ୍ଷକଙ୍କ ମନମାନି ନେଇ ଜିଲାପାଳଙ୍କୁ ଅଭିଯୋଗ

- କମିଟି ସଦସ୍ୟଙ୍କ ଜାଲ ଦସ୍ତଖତରେ ପାଚିକା ନିଯୁକ୍ତି
- ଅନୁଦାନ ଯାଞ୍ଚ, ଠିକ୍ ଭାବେ ପାଚିକା ନିଯୁକ୍ତି
- ପ୍ରଧାନ ଶିକ୍ଷକଙ୍କ ବଦଳି ନ ଦେଲେ ଆନ୍ଦୋଳନ ଚେତାବନୀ

ନୂଆଗାଁ, ୧୧।୧୨ (ଧନେଶ୍ୱର ସାହୁ)




ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗୁମି ପଞ୍ଚାୟତ ଜାମୁସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ମନମାନୀରେ ଅଞ୍ଚଳବାସୀ ଅତିଷ୍ଠ ହୋଇଗଲେଣି। ତେଣୁ ସମ୍ପୃକ୍ତ ସ୍କୁଲର ଅନୁଦାନ ଯାଞ୍ଚ, ପାଚିକା ନିଯୁକ୍ତିର ପ୍ରକ୍ରିୟା ଯାଞ୍ଚ ଓ ନୂତନ ପାଚିକା ନିଯୁକ୍ତି କରିବା ସହ ଜାମୁସାହି ସ୍କୁଲରେ ଥିବା ପ୍ରଧାନ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରି ନୂତନ ପ୍ରଧାନ ଶିକ୍ଷକ ନିଯୁକ୍ତ କରିବାକୁ ସୋମବାର ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କୁ ଲିଖିତ ଭାବେ ଅଞ୍ଚଳବାସୀ ଜଣାଇଛନ୍ତି। ଉକ୍ତ ସ୍କୁଲ ଉପରେ ନିର୍ଭରଶୀଳ ଗୁମୀ ପଞ୍ଚାୟତର ଜାମୁସାହି, କେସେଣ୍ଡା, ମଣିଆକୋଟ, ରାଣିଗମା ଗ୍ରାମବାସୀଙ୍କ ଅଭିଯୋଗକୁ ବିଚାର କରି ପଦକ୍ଷେପ ନିଆ ନ ଗଲେ ସେମାନେ ଆନ୍ଦୋଳନର ପନ୍ଥା ଆପଣେଇବେ ବୋଲି ଲିଖିତ ଭାବେ ଚେତାବନୀ ଦେଇଛନ୍ତି।

ନୂଆଗାଁ ବ୍ଲକ ଗୁମି ପଞ୍ଚାୟତ ଜାମୁସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ କେସେଣ୍ଡା, ଜାମୁସାହି, ରାଣିଗମା ଓ ମଣିଆକୋଟ ଗ୍ରାମର ୩୧ଜଣ ଛାତ୍ରୀଛାତ୍ର ପାଠ ପଢନ୍ତି। ସେମାନଙ୍କୁ ପଢ଼ାଇବା ପାଇଁ ଜଣେ ଶିକ୍ଷୟିତ୍ରୀ ଓ ଜଣେ ପ୍ରଧାନ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ତେବେ ପ୍ରଧାନ ଶିକ୍ଷକ ସ୍କୁଲ ପରିଚାଳନା କମିଟିର ବିନା ନିଷ୍ପତ୍ତିରେ ନିଜ ଇଚ୍ଛାରେ କାର୍ଯ୍ୟ କରୁଛନ୍ତି। ସ୍କୁଲରେ ନୂତନ ପାଚିକା ନିଯୁକ୍ତି କରିବାରେ ଅନିୟମିତତା କରିଥିବା ନେଇ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏପରିକି ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କ ଅଜାଣତରେ ସେମାନଙ୍କ ଜାଲ ଦସ୍ତଖତ କରି ନୂତନ ପାଚିକା ନିଯୁକ୍ତି କରିଛନ୍ତି। ସ୍କୁଲକୁ ଆସୁଥିବା ଅନୁଦାନ ପରିଚାଳନା କମିଟି ସଦସ୍ୟଙ୍କ ଅଜାଣତରେ ଖର୍ଚ୍ଚ କରାଯାଉଛି। ସ୍କୁଲ ପରିଚାଳନା କମିଟି ସଭାପତି କିମ୍ବା କୌଣସି ସଦସ୍ୟଙ୍କୁ ଆସୁଥିବା ଅନୁଦାନ ଓ ଖର୍ଚ୍ଚ ବାବଦରେ ନ ଜଣାଇ ନିଜ ଇଚ୍ଛାରେ ଜାଲ ଦସ୍ତଖତ କରି ବ୍ୟାଙ୍କରୁ ଟଙ୍କା ଉଠାଣ କରୁଥିବାରୁ ତାହାକୁ ଯାଞ୍ଚ କରିବାକୁ ଗ୍ରାମବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଅଭିଯୋଗର ତଦନ୍ତ କରି ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଏହା କରା ନ ଗଲେ ୪ ଖଣ୍ଡ ଗାଁର ଲୋକ ଆନ୍ଦୋଳନ ପନ୍ଥା ଆପଣେଇବେ ବୋଲି ପ୍ରାୟ ୨ ଶହ ଲୋକଙ୍କ ଦସ୍ତଖତ ଥିବା ଲିଖିତ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାର ତଦନ୍ତ କରାଯିବ ବୋଲି ଜିଲାପାଳ ସାହୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ବରିଷ୍ଠ ନାଗରିକ ସଂଘ ବୈଠକ

ବାଲିକୁଦା,୧୧।୧୨(ତାପସ ସ୍ୱାଇଁ)

ବାଲିକୁଦା ବରିଷ୍ଠ ନାଗରିକ ସଂଘର ୧୧ତମ ବୈଠକ ଗରାମ ପଞ୍ଚାୟତ ଚଅଁରପୁରସ୍ଥିତ ଚମ୍ପାବାଲି ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶରତ କାନୁନଗୋଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ କାର୍ଯ୍ୟକାରୀ ସମ୍ପାଦକ ନଗେନ୍ଦ୍ରନାଥ ପରିଡା, କୃଷ୍ଣଚନ୍ଦ୍ର ସାହୁ, ଅନିରୁଦ୍ଧ ନାୟକ, ରବୀନ୍ଦ୍ର ଜେନା ପ୍ରମୁଖ ୪ଟି ପ୍ରସ୍ତାବ ଆଗତ କରିଥିଲେ। କୋଷାଧ୍ୟକ୍ଷ ବିଜୟ କୁମାର ଜେନା ଗତ ବୈଠକର ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବାଲିକୁଦା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିପିଏମ୍ ବନବିହାରୀ ମହାରଣା, ହେଲ୍‌ଥ ଅଫିସର ଯଶବନ୍ତ ମୁଦୁଲି, ଚନ୍ଦନା ସ୍ୱାଇଁ ପ୍ରମୁଖ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ପ୍ରଦାନ କରିଥିଲେ। ୯ଜଣ ବରିଷ୍ଠ ନାଗରିକଙ୍କୁ ଆୟୁଷ୍ମାନ ହେଲଥ କାର୍ଡ ବଣ୍ଟନ କରାଯାଇଥିଲା। ବୈଠକରେ ମୀନକେତନ ନାୟକ, ଚକ୍ରଧର ସେଠୀ, ଦେବେନ୍ଦ୍ର ବେହେରା, ବ୍ରଜବନ୍ଧୁ ରାଉତ, ଗୁଣନିଧି ମଣ୍ଡଳ, କୈଳାସଚନ୍ଦ୍ର ମଲ୍ଲିକ, ପ୍ରେମଲତା ନାୟକ, ନୟନା ବାରିକ, ପ୍ରତାପ ରୁଦ୍ର ଜେନା ଓ ସୁକାନ୍ତ ବାରିକ ଉପସ୍ଥିତ ଥିଲେ।

# ଗଞ୍ଜି କିଣା ବିଜ୍ଞାପନକୁ ନେଇ ଜୋର ଧରିଲା ଚର୍ଚ୍ଚା

**ଏସ୍‌ଭିଏମ୍ ସ୍ୱୟଂଶାସିତ କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ**

■ ଛୁଟିଦିନରେ ବି କୋଟେଶନ୍ ଦାଖଲ ସୂଚନା

ଜଗତ୍‌ସିଂହପୁର, ୧୧।୧୨ (ପ୍ରମୋଦ କୁମାର ନାୟକ)

ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟ ଗୁଡ଼ିକରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାମାଜିକ, କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟରେ ସମ୍ପୃକ୍ତି ବୃଦ୍ଧି ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଛାତ୍ରୀଛାତ୍ରମାନେ କିପରି ନିଜର ଆତ୍ମବଳ ବୃଦ୍ଧି ସହ ଦକ୍ଷତା ପ୍ରତିପାଦିତ କରିପାରିବେ, ସେନେଇ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ଯୋଜନା ଅନୁଯାୟୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଓ ସାମାଜିକ କାର୍ଯ୍ୟ ଆଦି କରାଯାଉଛି। ମହାବିଦ୍ୟାଳୟଠାରୁ ଜିଲା ଓ ରାଜ୍ୟସ୍ତର ପର୍ଯ୍ୟନ୍ତ ୟୁଥ ଫେଷ୍ଟିଭାଲ କରିବା ଯୋଜନା ରହିଛି। ଏନେଇ ବିଭିନ୍ନସ୍ତରରେ ସନ୍ତୋଷଜନକ ଅନୁଦାନ ଯୋଗାଇ ଦିଆଯାଇଛି। ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପ୍ରତି ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୋଡାଲ ଅଫିସର ନିଯୁକ୍ତି ପାଇଛନ୍ତି। ଏହି ଅନୁଯାୟୀ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଏସ୍‌ଭିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ହୋଇଛି। ଡିସେମ୍ବର ୧୩ରେ ମହାବିଦ୍ୟାଳୟ ପରିସରରେ ଏହି ଉତ୍ସବର ଆୟୋଜନ ହେବାକୁ ଯାଉଛି। ଏହାପୂର୍ବରୁ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଗଞ୍ଜି କିଣାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏନେଇ ଡିସେମ୍ବର ୪ରେ ଏକ ଓଡ଼ିଆ ଦୈନିକ ଖବର କାଗଜରେ ମଧ୍ୟ ବିଜ୍ଞାପନ ପ୍ରକାଶ ପାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ବିଜ୍ଞାପନ ଦିଆଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେଉଁ ଫାର୍ମଗୁଡ଼ିକ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଏସ୍‌ଭିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୯।୧୨।୨୦୨୩ ସୁଦ୍ଧା କଟନ ବାନିୟନ ଏକ୍ସଏଲ୍ ଏବଂ ଏକ୍ସଏକ୍ସଏଲ୍ ଗଞ୍ଜି ଯୋଗାଇ ପାରିବେ ସେମାନେ ଆବେଦନ କରିବେ। କିନ୍ତୁ ଗଞ୍ଜିରେ 'ଆଇଓ୍ୱାଇଡିପି ଏବଂ # ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା' ଲେଖା ସହ ନିର୍ଦ୍ଦିଷ୍ଟ ରଙ୍ଗ ଥିବା ଦରକାର। କୋଟେଶନ୍‌ଗୁଡ଼ିକ ମହାବିଦ୍ୟାଳୟ କୋଟେସନ୍ ବକ୍ସରେ ୫।୧୨।୨୦୨୩ ସୁଦ୍ଧା ଯୋଗାଯୋଗ ନମ୍ବର ଏବଂ ଜିଏସ୍‌ଟି କୋଡ ସହ ପହଞ୍ଚି ପାରୁଥିବା ଆବଶ୍ୟକ ବୋଲି ବିଜ୍ଞାପନରେ ଉଲ୍ଲେଖ ଥିଲା। ତେବେ ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ କେତେଜଣ ବ୍ୟକ୍ତି ପ୍ରତିକ୍ରିୟାରେ କହିଛନ୍ତି, ବିଜ୍ଞାପନ ବାହାରିବାର ଦିନକ ଭିତରେ କୋଟେଶନ୍ ଦାଖଲ ପାଇଁ ସୁଯୋଗ ରହିବା ଆଦୌ ଗ୍ରହଣୀୟ ନୁହେଁ। କେବଳ ଏତିକି ନୁହେଁ, ୪ ତାରିଖରେ ବିଜ୍ଞାପନ ବାହାରିଥିଲେ ସୁଦ୍ଧା ୫ରେ ଅଷ୍ଟମୀ କାରଣରୁ ମହାବିଦ୍ୟାଳୟ ଛୁଟି ଥିଲା। ତେଣୁ ଏହି ଦିନ ଫାର୍ମଗୁଡ଼ିକ ମହାବିଦ୍ୟାଳୟ କୋଟେଶନ୍ ବକ୍ସରେ ଦାଖଲ କରିବା ସମ୍ଭବ ନୁହେଁ। ଅନ୍ୟପଟେ ଡିସେମ୍ବର ୯ ସୁଦ୍ଧା ଗଞ୍ଜି କିଣାଯିବା ପାଇଁ ବିଜ୍ଞାପନରେ ଉଲ୍ଲେଖ ରହିଛି। କିନ୍ତୁ ତାହା ଏ ପର୍ଯ୍ୟନ୍ତ କିଣାଯାଇନାହିଁ। ମହାବିଦ୍ୟାଳୟ ପକ୍ଷରୁ ବିଜ୍ଞାପନ ଆଳରେ ଚଞ୍ଚକତା ପାଇଁ ଉଦ୍ୟମ ହୋଇଥିବା ଏହି ବ୍ୟକ୍ତିମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏହା ଉପରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ ପାତ୍ରଙ୍କୁ ପଚାରିବାରୁ ସେ ଗଞ୍ଜି କିଣାଯିବା କଥା ଚୂଡାନ୍ତ ହୋଇଥିବା କହିଥିଲେ ସୁଦ୍ଧା ଅନ୍ୟ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ। ଏପରି କି ନୋଡାଲ ଅଫିସର ଏ ବିଷୟରେ ଜାଣିଥିବା କହିଥିଲେ। ମହାବିଦ୍ୟାଳୟ ନୋଡାଲ ଅଫିସର ଡ. ଜ୍ୟୋତିରଞ୍ଜନ ସାମଲଙ୍କୁ ପଚାରିବାରୁ, ଆସନ୍ତା ୧୩ରେ ଉତ୍ସବ ପାଇଁ ୧୨୦୦ ପିସ୍ ଗଞ୍ଜି କିଣାଯିବ। ଅଧ୍ୟକ୍ଷଙ୍କ ପକ୍ଷରୁ ବିଜ୍ଞାପନ ପ୍ରକାଶ ପାଇବା ପରେ ୩ଟି ଫାର୍ମ (କଟକର ୨, ଜଗତ୍‌ସିଂହପୁର ୧) କୋଟେଶନ୍ ଦାଖଲ କରିଥିଲେ। ସେଥିମଧ୍ୟରୁ ଜଗତ୍‌ସିଂହପୁରର ଏକ ଫାର୍ମ ସର୍ବନିମ୍ନ ଦରରେ ଗଞ୍ଜି ଯୋଗାଇବା ପାଇଁ ସ୍ୱୀକୃତି ଦେଇଛି। ତେଣୁ ଏହି ଫାର୍ମ ଗଞ୍ଜି ଯୋଗାଇବା ଚୂଡାନ୍ତ ହୋଇଛି। ଆସନ୍ତା ୧୩ ଭିତରେ ସମ୍ପୃକ୍ତ ଫାର୍ମ ଗଞ୍ଜି ଯୋଗାଇବ। କିନ୍ତୁ ବିଜ୍ଞାପନ ପ୍ରକାଶ ଓ ସେଥିରେ ଥିବା ତ୍ରୁଟି ସମ୍ପର୍କରେ ସେ ଅନଭିଜ୍ଞ। ଅଧ୍ୟକ୍ଷ ଏ ବାବଦରେ କହିପାରିବେ ବୋଲି ସାମଲ କହିଛନ୍ତି।

## ଜିଲାପାଳଙ୍କ ଜନ ଶୁଣାଣିରେ ୨୨୮ ଅଭିଯୋଗ ଶୁଣାଣି



ଜିଲାପାଳ ଓ ପ୍ରଶାସନିକ ଅଧିକାରୀମାନେ ଜନସାଧାରଣଙ୍କ ଅଭିଯୋଗ ଶୁଣୁଛନ୍ତି।

ଏରସମା,୧୧।୧୨(ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ସଭା ଗୃହରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାରୁଲ ପଟାୱାରି ଉପସ୍ଥିତ ରହି ୨୨୮ ଅଭିଯୋଗ ଶୁଣାଣି କରିଥିଲେ। ଏହି ଅବସରରେ ରାଶନ କାର୍ଡ ୯, ଆବାସ ଯୋଜନା ୨, ଜମିଜମା ୧୦୦, ବିଭିନ୍ନ ଭତ୍ତା ୫, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ୨ ଏପରି ମୋଟ୍ ୨୧୦ ବ୍ୟକ୍ତିଗତ ଓ ୧୮ଗୋଷ୍ଠିଗତ ଅଭିଯୋଗ କରଯାଇଥିଲା। ସେଥିରୁ ୬୮ ଅଭିଯୋଗର ତତ୍କାଳ ସମାଧାନ କରଯାଇଥିଲା ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଅବସରରେ ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମର ପ୍ରମିଳା ରାଉତ, ସ୍ୱାମୀ ଉମେଶ ରାଉତ ଉଭୟ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ସେମାନଙ୍କୁ ଭତ୍ତା ଓ ରାଶନ କାର୍ଡ ମିଳି ନ ଥିବା ଅଭିଯୋଗ କରି ଉଭୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତାଙ୍କୁ ସମର୍ଥନ କରି ଭୀମ ଭୋଇ ଭିନ୍ନକ୍ଷମ ସଂଘ ସଭାପତି ଚିତ୍ତରଞ୍ଜନ ଦଳାଇ ମଧ୍ୟ ଧାରଣାରେ ବସିଥିଲେ। ସମାଧାନ ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେବାପରେ ସେମାନେ ଧାରଣାରୁ ଉଠିଥିଲେ। ଏଥିସହ ପାଲଧୁଆ ବନ୍ଧରୁ ସାହାଡ଼ାବେଦି ଆର୍‌ଡି ରାସ୍ତା ଦୀର୍ଘଦିନ ହେଲା ମରାମତି ଅଭାବରୁ ଖାଲ ଖମାରେ ଭର୍ତ୍ତି ହୋଇଗଲାଣି। ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ସାଲୁ ସାସମଲ ଅଭିଯୋଗରେ ଦର୍ଶାଇଥିଲେ। ଗଡ଼କୁଜଙ୍ଗ ଜଗନ୍ନାଥ ମନ୍ଦିର ବଡ଼ଦାଣ୍ଡକୁ କେତେଜଣ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଜବରଦଖଲ କରିଥିବା ରାଜନ ବେହେରା ଅଭିଯୋଗ କରିଥିଲେ। ଏହାର ଉଚ୍ଛେଦ କରା ନ ଗଲେ ରଥଯାତ୍ରା ପାଇଁ ସମସ୍ୟା ସୃଷ୍ଟି ହେବ କହି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବିରରେ ଏସ୍‌ପି ରାହୁଲ ପି.ଆର୍, ଉପଜିଲାପାଳ ପ୍ରଦୀପ କୁମାର ସାହୁ, ପିଡି ରବିନାରାୟଣ ଜେଠୀ, ଏରସମା ବିଡିଓ ଲମ୍ବୋଦର ଖୁଣ୍ଟିଆ, ତହସିଲଦାର ସନ୍ଧ୍ୟାଞ୍ଜଳି ମାଝି ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବମ୍ ପକାଇବା ଅଭିଯୋଗରେ ରଶ୍ମିରଞ୍ଜନ ଗିରଫ

କୁଜଙ୍ଗ, ୧୧।୧୨ (ମନୋଜ ପ୍ରଧାନ)

ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପର ନାଁ ଗନ୍ଧ ନ ଥିବାବେଳେ ପ୍ରକଳ୍ପ ବିରୋଧୀମାନେ ମିଥ୍ୟା କେସରୁ ମୁକୁଳି ପାରୁନାହାନ୍ତି । ଏବେବି ସେମାନେ ପୋଲିସକୁ ଲୁଚି ଛପି ଜୀବନଯାପନ କରିବାକୁ ବାଧ ହେଉଛନ୍ତି। ଯଦି କୌଣସି ପରିସ୍ଥିତିରେ ପୋଲିସ ହାବୁଡରେ ପଡ଼ିଯାଉଛନ୍ତି, ତେବେ ଜେଲ ଯିବାକୁ ବାଧ ହେଉଛନ୍ତି। ଏହାର ଉଦାହରଣ ଡିଙ୍କିଆ ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମର ରଶ୍ମିରଞ୍ଜନ ସାହୁଙ୍କୁ ସୋମବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶଯେ, ୨୦୨୧ ଡିସେମ୍ବର ୪ ରାତିରେ ଗୋବିନ୍ଦପୁର ଗ୍ରାମର ପ୍ରଭାତ ରାଉତଙ୍କ ଘର କାନ୍ଥରେ ବୋମାମାଡ଼ ହୋଇଥିଲା। ଏନେଇ ଅଭୟଚାନ୍ଦପୁର ଥାନାରେ ପ୍ରକଳ୍ପ ବିରୋଧୀ ନେତା ଦେବେନ୍ଦ୍ର ସ୍ୱାଇଁ ଓ ରଶ୍ମିରଞ୍ଜନ ସ୍ୱାଇଁଙ୍କ ସମେତ ୫ଜଣଙ୍କ ନାମରେ ପ୍ରଭାତ ଅଭିଯୋଗ କରିଥିଲେ । ପୋଲିସ ଏନେଇ ମାମଲା (ନଂ.୧୨୫/୨୧) ରୁଜୁ କରିଥିଲା। ଏହି ଘଟଣାରେ ପୋଲିସ ଦେବେନ୍ଦ୍ରଙ୍କୁ ଗିରଫ କରିଥିବା ବେଳେ ରଶ୍ମିରଞ୍ଜନଙ୍କୁ ଗିରଫ କରି ନ ଥିଲା। ନଭେମ୍ବରରେ ଦେବେନ୍ଦ୍ର ସର୍ତ୍ତମୂଳକ ଜାମିନରେ ମୁକୁଳିଥିବା ବେଳେ ଏବେ ରଶ୍ମିରଞ୍ଜନଙ୍କୁ ପୋଲିସ ଗିରଫ କରିଛି। ରଶ୍ମିରଞ୍ଜନଙ୍କ ନାମରେ ଉକ୍ତ ମାମଲାକୁ ମିଶାଇ ମୋଟ ୪ଟି ମାମଲା ଥିବା ଅଭୟଚାନ୍ଦପୁର ଥାନା ଅଧିକାରୀ ରାଜ କିଶୋର ବେହେରା କହିଛନ୍ତି।

## ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

କୁଜଙ୍ଗ,୧୧।୧୨ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ବାଲିଆ ପଞ୍ଚାୟତ ଅନ୍ତର୍ଗତ ବଡ଼ଙ୍ଗ ଗ୍ରାମରେ ଅଗ୍ନିକାଣ୍ଡ ଘଟି କାଞ୍ଚନବାଳା ସ୍ୱାଇଁଙ୍କ ୨ ବଖରା ଜଳିଯାଇଛି। ଏଥିରେ ଘରର ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ଅପରପକ୍ଷେ ନିଆଁଲାଗି କାଞ୍ଚନଙ୍କ ହାତ ପୋଡ଼ିଯାଇଛି। ଖବରପାଇ କୁଜଙ୍ଗ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ, ରୋଷେଇ ଚୁଲିରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି ବୋଲି ଅଗ୍ନିଶମ ଅଧିକାରୀ କାର୍ତ୍ତିକ ବିଶ୍ୱାଳ କହିଛନ୍ତି । ଖବରପାଇ ସରପଞ୍ଚ ସରୋଜିନୀ ନାୟକ ଓ ନାଏବ ସରପଞ୍ଚ ସମରେନ୍ଦ୍ର ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ସାନ୍ତ୍ୱନା ଦେବା ସହ ସରକାରୀ ସହାୟତା ଯୋଗାଦେବାକୁ ନିବେଦନ କରିଛନ୍ତି। ଏଥିସହ ନାୟକ ବିପନ୍ନ ପରିବାରକୁ ଔଷଧ ଓ ଶୀତବସ୍ତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ ବିପନ୍ନ ପରିବାରକୁ ପାଲ ଯୋଗାଇ ଦେଇଛନ୍ତି।

## ବୃହତ୍ ବନ୍ଦର ସାଂସ୍କୃତିକ ସମ୍ମିଳନୀ ଉଦ୍‌ଯାପିତ

ପାରାଦୀପ, ୧୧।୧୨(ଶରତ ରାଉତ)

ପାରାଦୀପ ଜୟଦେବ ସଦନରେ ଡିସେମ୍ବର ୭ରୁ ଚାଲିଥିବା ସର୍ବଭାରତୀୟ ବୃହତ୍ ବନ୍ଦର ସାଂସ୍କୃତିକ ସମ୍ମିଳନୀ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏନେଇ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥିଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନ୍ଧ ଯୋଗଦେଇ କଳାକାରମାନଙ୍କୁ ପୁରସ୍କୃତ କରିଥିଲେ। ସବୁ କ୍ଷେତ୍ରରେ ପାରଦର୍ଶିତା ଦେଖାଇଥିବା ଜବହାରଲାଲ ନେହେରୁ ପୋର୍ଟ ଅଥରିଟି ପ୍ରଥମ ସ୍ଥାନ ପାଇଥିଲା। ସେହିପରି ଏମ୍‌ବିପିଏ ଦ୍ୱିତୀୟ, ମ୍ୟୁଜିକରେ ସୁଭେନ୍ଦୁ କୁମାର ସେଠୀ, ସହ କଳାକାରଭାବେ ସ୍ୱର୍ଣ୍ଣଲତା ତ୍ରିପାଠୀ ପୁରସ୍କାର ପାଇଥିଲେ। ଅନ୍ୟତମ ଅତିଥି ଭାବେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା, ଉପସଂରକ୍ଷକ ଅଲେଖ ଚନ୍ଦ୍ର ସାହୁ, ଅର୍ଥ ପରାମର୍ଶ ଅଧିକାରୀ ଧର୍ମେନ୍ଦ୍ରନାଥ ସୋଣ୍ଡି, ଡାକ୍ତର ଦୁର୍ଗାପ୍ରସାଦ ସେଠୀ, ରଞ୍ଜନ ରଶ୍ମିବେଉରା ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ମେଜରପୋର୍ଟ ସ୍ପୋର୍ଟ୍ସ କଣ୍ଟ୍ରୋଲବୋର୍ଡ ଓ ପାରାଦୀପ ବନ୍ଦର ପକ୍ଷରୁ ମିଳିତ ଭାବେ ଆୟୋଜନ କରାଯାଇଥିଲା। ଏଥିରେ ଦେଶର ୧୦ଟି ବୃହତ୍ ବନ୍ଦରର ୨୦୦ରୁ ଅଧିକ କଳାକାର ଭାଗ ନେଇଥିଲେ।



ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

## ବିକଶିତ ଭାରତ ସଙ୍କଳ୍ପ ଯାତ୍ରାକୁ ମିଳୁନି ସମର୍ଥନ



ବିକଶିତ ଭାରତ ସଙ୍କଳ୍ପ ରଥ ନିକଟରେ ଛାତ୍ରୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

କୁଜଙ୍ଗ,୧୧।୧୨ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକରେ ବିକଶିତ ଭାରତ ସଙ୍କଳ୍ପ ଯାତ୍ରା ରବିବାରଠାରୁ ଆରମ୍ଭ ହୋଇଥିଲେ ବି ବାସ୍ତବ କ୍ଷେତ୍ରରେ ଉକ୍ତ ଯାତ୍ରାକୁ ଜନସମର୍ଥନ ମିଳୁନାହିଁ। ରବିବାର ପାଟପୁର ପଞ୍ଚାୟତଠାରେ ବ୍ଲକ ପ୍ରଶାସନ ତରଫରୁ ବିଡିଓ ଦିପକ ସ୍ୱାଇଁ ଉପସ୍ଥିତ ରହି ସ୍ୱାଗତ କରିଥିବା ବେଳେ ସୋମବାର ବାଲିଆ ଓ ବାଗୋଇ ପଞ୍ଚାୟତକୁ ରଥ ଯାଇଥିଲା। ବାଲିଆ ପଞ୍ଚାୟତରେ ରଥକୁ ସ୍ୱାଗତ କରାଯାଇ ନ ଥିବା ବେଳେ ସରପଞ୍ଚ ସରୋଜିନୀ ନାୟକ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ରଘୁନାଥ ଚମ୍ପିଆ ନାମକୁମାତ୍ର ସେଠାରେ ପହଞ୍ଚି କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଫେରି ଆସିଥିଲେ। ଏନେଇ ଉପସ୍ଥିତ କେତେଜଣ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସଦସ୍ୟା ଅସନ୍ତୋଷବ୍ୟକ୍ତ କରିଥିଲେ। ସେଠାରେ ଉପସ୍ଥିତ ଥିବା ନାଏବ ସରପଞ୍ଚ ସମରେନ୍ଦ୍ର ପ୍ରଧାନ ପରିସ୍ଥିତିକୁ ସମ୍ଭାଳି କୌଣସି ପ୍ରକାରେ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ ।

ସେହିପରି ଅପରାହ୍ନରେ ବାଗୋଇ ପଞ୍ଚାୟତ କାର୍ଯ୍ୟାଳୟରେ ରଥ ପହଞ୍ଚିବା ପରେ ସରପଞ୍ଚ ପ୍ରଭାଞ୍ଜଳି ସେଠୀ ସ୍ୱାଗତ କରିଦେଇ ଚାଲିଯାଇଥିଲେ। ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଭାସୀ ଭାଷଣ ଆରମ୍ଭ ହୋଇଥିଲା। ମାତ୍ର ସେତେବେଳକୁ କେହି ନ ଥିଲେ । ଏ ସମ୍ପର୍କରେ ସରପଞ୍ଚ ସେଠୀଙ୍କୁ ପଚାରିବାରେ ବିଭିନ୍ନ କାମରେ ଜନ ସାଧାରଣ ପହଞ୍ଚିବାରୁ କାର୍ଯ୍ୟାଳୟରେ ବସି ସେମାନଙ୍କ ସହ ଆଲୋଚନା କରିବାକୁ ଚାଲିଯାଇଥିଲେ। ସେହିପରି ବାଲିଆ ପଞ୍ଚାୟତି ନିର୍ବାହୀ ଅଧିକାରୀ ରଘୁନାଥ ଚମ୍ପିଆଙ୍କୁ ପଚାରିବାରେ ସେ କାମଥିବା କହି ଚାଲି ଆସିଥିଲେ । ସବୁଠାରୁ ଆଶ୍ଚର୍ଯ୍ୟକଥା ହେଲା, ଉଭୟ ପଞ୍ଚାୟତର ଭାଜପା କର୍ମୀମାନେ କାର୍ଯ୍ୟକ୍ରମ ସ୍ଥଳକୁ ଯାଇ ନ ଥିଲେ। ଏହା ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିବା ବେଳେ ସରକାରୀ କର୍ମଚାରୀ ଓ ସରପଞ୍ଚମାନେ ଏଥିପ୍ରତି ଆଗ୍ରହ ପ୍ରକାଶ ନ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଜିର କାର୍ଯ୍ୟକ୍ରମରେ ମେଡିକାଲ କର୍ମଚାରୀ ସୟିଦ୍ ଅମିନୁଲ ଇସ୍‌ଲାମ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜ୍ଞାନ ବେହୁରା, ଶିକ୍ଷକ ରଶ୍ମିକାନ୍ତ ଦାସ ଓ ବୈକୁଣ୍ଠ ବିହାରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ପର୍ଯ୍ୟଟନସ୍ଥଳୀରେ ଥରେ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକକୁ କଟକଣା

**କଠୋର ହେବ ପୌରପାଳିକା**

ପାରାଦୀପ,୧୧।୧୨(ଶରତ ରାଉତ)



ସାମୁଦ୍ରିକ ବେଳାଭୂମି ରାସ୍ତାକଡ଼ରେ ଅଳିଆ ଆବର୍ଜନା ଗଦା ହୋଇଛି।

ରାଜ୍ୟର ଅନ୍ୟତମ ପ୍ରଦୂଷିତ ସହର ପାରାଦୀପ ଏବେ ଗୁରୁତର ପ୍ରଦୂଷିତ ଅଞ୍ଚଳ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କୁହାଯାଇଛି। ଏବେ ସେହି ପ୍ରଦୂଷଣ ମାତ୍ରା ହ୍ରାସ କରିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପାରାଦୀପ ପୌରପାଳିକା କେତେକ ପ୍ରତିକାର ବ୍ୟବସ୍ଥା ନେଇଛନ୍ତି। ଏହିକ୍ରମରେ ପାରାଦୀପର ସମସ୍ତ ପର୍ଯ୍ୟଟନ ସ୍ଥାନରେ ଥରେ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବର୍ଜନ କରିବାକୁ କୁହାଯାଇଛି। କୌଣସି ପର୍ଯ୍ୟଟକ ଭୋଜି ସ୍ଥଳରେ ପଲିଥିନ ଓ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଏପରି କଲେ ସେଠାରୁ ତାକୁ ଜବତ କରାଯିବ। ପ୍ରଥମେ ଚେତାବନୀ ଦିଆଯିବ। ଏହାପରେ ଜରିମାନା ଲାଗୁ କରାଯିବ ବୋଲି ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି। ପ୍ଲାଷ୍ଟିକ ଗ୍ଲାସ୍, ପାଣି ବୋତଲ, ପଲିଥିନ, ପାଣି ପାଉଚ, ଆଇସକ୍ରିମ ଖୋଳ କାଠି ଆଦି ବ୍ୟବହାର ଉପରେ ଅଙ୍କୁଶ ଲଗାଯାଇଛି।

ସୂଚନାଯୋଗ୍ୟ, ଏବେ ପର୍ଯ୍ୟଟନ ସମୟ ଆସିଲାଣି। ବତୀଘର ପାଖ ସମୁଦ୍ର ବେଳାଭୂମି, ନେହେରୁବଙ୍ଗଳା ମହାନଦୀ ମୁହାଣ ପାଖ ସ୍ମୃତି ଉଦ୍ୟାନ ଅଞ୍ଚଳରେ ଭିଡ଼ ହେଉଛି। ଅଧିକାଂଶ ଲୋକ ଭୋଜି କରୁଛନ୍ତି। ସେମାନେ ବ୍ୟବହାର କରୁଥିବା ପ୍ଲାଷ୍ଟିକ ସିଧାସଳଖ ଭାବେ ସମୁଦ୍ରରେ ମିଶୁଛି। ଏବେ ଅଲିଭ ରିଡ୍‌ଲେ କଇଁଛଙ୍କ ପ୍ରଜନନ ସମୟ। ପଲିଥିନ ସମୁଦ୍ରରେ ମିଶିଲେ ସିଧାସଳଖ ଜଳଜୀବ ଉପରେ ପ୍ରଭାବ ପଡୁଛି ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍କରଚନ୍ଦ୍ର ବେହେରା କହିଛନ୍ତି। ତେଣୁ ଆମକୁ ଟିକିଏ କଠୋର ହେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଯେଉଁମାନେ ପାରାଦୀପ ବୁଲି ଆସୁଛନ୍ତି ସେମାନେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ଆବେଦନ କରାଯାଇଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.57/ET/SBP/ENGG/2023-24, ତା.04.12.2023ରିଖ

ଇ-ଟେଣ୍ଡର ସଂ.41-eT-SDENC-SBP-23

କାର୍ଯ୍ୟର ନାମ : 24 ମାସ ସମୟ ଅବଧି ନିମନ୍ତେ ସମ୍ବଲପୁରରେ ସେକ୍ଟର-A ଠାରେ ଅଧସ୍ତନ ବିଶ୍ରାମ ଗୃହ, ଷ୍ଟେସନ ବିଲ୍ଡିଂ ଠାରେ ଅଧିକାରୀ ବିଶ୍ରାମ ଗୃହ ଏବଂ ରେଳନଗର ଠାରେ ଅଧିକାରୀ ବିଶ୍ରାମ ଗୃହର ଦେଖାଶୁଣା ଓ ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 81,67,330.56, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,63,400/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.29.12.2023 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ସମ୍ବଲପୁର

PR-871/O/23-24

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMRIT-BHARAT-06-360, ତା.05.12.2023ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଞ୍ଚେଶ୍ୱର (MCS), ଢେଙ୍କାନାଳ (DNKL), ତାଳଚେର (TLHR) ଏବଂ ଅନୁଗୁଳ (ANGL) ଷ୍ଟେସନଗୁଡ଼ିକ ଠାରେ ଅମୃତ ଭାରତ ଷ୍ଟେସନ ସ୍କିମ୍ (ABSS) ସମ୍ବନ୍ଧୀୟ ବିଭିନ୍ନ ଦୂରସଂଚାର ଯାତ୍ରୀ ସୁବିଧାସୁଯୋଗ (CIB ଏବଂ TIB)ର ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 5,06,05,127.86, EMD (ଟଙ୍କାରେ) : 4,03,000/-

ବିଡ୍ ଆରମ୍ଭ ହେବା ତାରିଖ: ତା.13.12.2023ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.12.2023 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼

PR-868/O/23-24

**कार्यपालक अभियंता का कार्यालय, ग्रामीण विकास विशेष प्रमंडल, जमशेदपुर**
**Email ID- rdsdjamshedpur@gmail.com**

:–शुद्धि पत्र:–

इस कार्यालय का ई0–निविदा आमंत्रण सूचना संख्या E-RDSD/JSR/16/2023-24 जिसका (PR No :– 311668 (Rural Development) 23-24)_ D में निम्न प्रकार से आंशिक संशोधन किया जाता है :–

1. वेबसाइट में निविदा प्रकाशन की तिथि – 12.12.2023
2. ई–निविदा प्राप्ति की तिथि एवं समय – दिनांक 12.12.2023 से दिनांक 20.12.2023 को अपराह्न 05:00 बजे तक।
3. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमंडल, जमशेदपुर।
4. ई–निविदा खोलने की तिथि एवं समय – 21.12.2023 अपराह्न 02:00 बजे।
5. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, जमशेदपुर।
6. ई–निविदा प्रकोष्ठ का दूरभाष सं0 – 7903003903
7. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
8. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
9. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

शेष अन्य सभी शर्तें यथावत् रहेगा।

कार्यपालक अभियंता
ग्रामीण विकास विशेष प्रमंडल, जमशेदपुर

PR313163 (Rural Development)23-24*D


### ଉତ୍ତେଜନା ଆଶଙ୍କାରେ ଫୋର୍ସ ମୁତୟନ

## ପିଆଇସିଟି ଆଗରେ ଗଣ୍ଡଗୋଳ ଘଟଣାରେ ୬ ଗିରଫ

ପାରାଦୀପ/କୁଜଙ୍ଗ, ୧୧।୧୨ (ଶରତ ରାଉତ/ମନୋଜ ପ୍ରଧାନ)

ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ପାରାଦୀପ ବନ୍ଦର ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ)ବର୍ଥ ଆଗରେ ଆନ୍ଦୋଳନ ଓ ଗଣ୍ଡଗୋଳ ଅଭିଯୋଗରେ ସୋମବାର ଆଦର୍ଶ ଥାନା ପୋଲିସ ୬ ଜଣ ଶ୍ରମିକ ନେତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାରାଦୀପ ପୋର୍ଟ ଶ୍ରମିକ କର୍ମଚାରୀ ୟୁନିୟନର ପରାମର୍ଶଦାତା ସୁଧାକର ମନ୍ତ୍ରୀ, ସଭାପତି ଦେବୀପ୍ରସାଦ ସାମନ୍ତରାୟ, ସମ୍ପାଦକ ରତ୍ନାକର ସ୍ୱାଇଁ, ରାଜେଶ ପାତ୍ର, ପ୍ରକାଶ ତରାଇ, କିଶୋର ସ୍ୱାଇଁ। ଏନେଇ ପୋଲିସ ମାମଲା (ନଂ. ୪୪୩/୨୩) ରୁଜୁ କରିଛି। ତେବେ ବୟସାଧିକ ଥିବାରୁ ସୁଧାକରଙ୍କୁ ଜାମିନ୍ ମିଳିଛି। ଏହି ଘଟଣାରେ କାଳେ ଶ୍ରମିକମାନେ ଆନ୍ଦୋଳନ କରିବେ ସେଥିପାଇଁ ପିଆଇସିଟି ଫାଟକ ଆଗରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଗତ ନଭେମ୍ବରରେ ୨୭ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପାରାଦୀପ ଗସ୍ତରେ ଆସିଥିଲେ। ଏହାର ୨ ଦିନ ପୂର୍ବରୁ ପାରାଦୀପ ପୋର୍ଟ ଶ୍ରମିକ କର୍ମଚାରୀ ୟୁନିୟନ ଧାରଣା ଦେବା ସହ ଫାଟକ ବନ୍ଦ କରିଦେଇଥିଲେ।

ଏ ସମ୍ପର୍କରେ ପାରାଦୀପ ଆଦର୍ଶଥାନା ପୋଲିସ କୌଣସି ସୂଚନା ଦେଇ ନ ଥିବା ବେଳେ ପିଆଇସିଟି କମ୍ପାନୀ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଏହି ୟୁନିୟନର ସଭାପତି ଦେବୀପ୍ରସାଦ ସାମନ୍ତରାୟ, ସମ୍ପାଦକ ରତ୍ନାକର ସ୍ୱାଇଁ, ପରାମର୍ଶଦାତା ସୁଧାକର ମନ୍ତ୍ରୀ ପ୍ରମୁଖ ୧୦ ଦଫା ଦାବିନେଇ କମ୍ପାନୀ ଠିକାଦାରଙ୍କ ପାଖରେ ଦେଇଥିଲେ। ଏ ସମ୍ପର୍କରେ କେନ୍ଦ୍ରୀୟ ଶ୍ରମବିଭାଗ ଆବେଦନ ଗ୍ରହଣ କରିବା ସହ ଆଲୋଚନା ପାଇଁ ନଭେମ୍ବର ୧୦ ରୁ ୨୦ ତାରିଖ ମଧ୍ୟରେ ୩ ଥର ଆଲୋଚନା ପାଇଁ ଚିଠି ଯୋଗେ ଡାକିଥିଲେ। ଠିକାଦାର ଓ କମ୍ପାନୀ ପକ୍ଷରୁ ପ୍ରତିନିଧିମାନେ ଯାଇ ଅପେକ୍ଷା କଲାପରେ ମଧ୍ୟ ସେମାନେ ଯାଇ ନ ଥିଲେ। ଅପରପକ୍ଷେ ଗତ ୨୫ରେ ଶ୍ରମିକମାନେ ତାଙ୍କ ପରିବାର ସହ ପିଆଇସିଟି ଫାଟକ ଆଗରେ ବସି ଆନ୍ଦୋଳନ କରିଥିଲେ। ଏପରିକି ଫାଟକ ବନ୍ଦ ଯୋଗୁ ଅନେକ କର୍ମଚାରୀ ଭିତରେ ବନ୍ଦୀ ଭଳି ରହିଥିଲେ। ସେତେବେଳେ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ (୨୭ ନଭେମ୍ବର ବୋଇତ ବନ୍ଦାଣ ଉତ୍ସବ) ପ୍ରଶାସନ ଚଳଚଞ୍ଚଳ ଥିଲେ। ସେହି ରାସ୍ତା ବାଟେ ରାଷ୍ଟ୍ରପତିଙ୍କ ଗସ୍ତ ଥିଲା। ଏହାକୁ ଟାଳିବା ପାଇଁ ସେତେବେଳେ ଅତିରିକ୍ତ ଜିଲାପାଳ ନୀରଞ୍ଜନ ବେହେରା ପହଞ୍ଚି ଡିସେମ୍ବର ୧୨ ରେ ଆଲୋଚନା ହେବ ବୋଲି ପ୍ରତିଶ୍ରୁତି ଦେଇ ଆନ୍ଦୋଳନ ଟାଳିଥିଲେ। ଯେଉଁମାନେ ଆନ୍ଦୋଳନ କରିଥିଲେ ସେମାନଙ୍କ ନାଁରେ ଅଭିଯୋଗ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।


**ODISHA COAL AND POWER LTD.**
Odisha Coal and Power Limited (OCPL)
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha, Ph No: 0674-2300654 / 0674-2300664

**TENDER NOTICE**

NIT No.: OCPL/SITE-98/2023 Date: 12.12.2023

Sealed bids in prescribed format are invited from reputed Companies/Firms/Agencies for execution of the following work:

| Sl. No. | Name of the Work | Cost of Tender Paper | Last Date of Sale/ Download of Tender Document | Date of Submission/ Opening |
|---|---|---|---|---|
| 1 | Construction of Boundary Wall at Kutabaga UP School, Hemgir, Sundargarh, Odisha | Rs.5,900/- (Rupees five thousand nine hundred only) including GST @ 18% | 10.01.2024 | 03.00 P.M./ 03.30 P.M. on 17.01.2024 |

Any further clarifications may be addressed to the undersigned at the above address or by email to: sudhakar.sinha@ocpl.org.in.

Sd./- Sr. Manager (Commercial & Contracts)

# ସମୁଦ୍ର ଭିତରେ ଟ୍ରଲର ଜବତରେ ଫିକ୍ସିଂ

■ ୨ ଟ୍ରଲର ଧରିଲେ, କୂଳକୁ ଆସିଲା ଗୋଟିଏ

■ ୧୦ ମତ୍ସ୍ୟଜୀବୀ ଜେଲ ଗଲେ, ୧୦ ମତ୍ସ୍ୟଜୀବୀଙ୍କୁ ଛାଡ଼ିଦେଲେ

ରାଜନଗର, ୧୧।୧୨ (ଭାସ୍କର ରାଉତରାୟ)



ଗିରଫ ହୋଇଥିବା ମତ୍ସ୍ୟଜୀବୀମାନେ।

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବନ ବିଭାଗ ପାଟ୍ରୋଲିଂ ବେଳେ ବେଆଇନ ଭାବେ ମାଛ ମାରୁଥିବା ୨ଟି ଟ୍ରଲରକୁ ରବିବାର ରାତିରେ ଜବତ କରାଯାଇଥିଲା। ଗୋଟିଏ ଟ୍ରଲରକୁ କୂଳକୁ ଆଣି ସେଥିରେ ଥିବା ୧୦ଜଣ ମତ୍ସ୍ୟଜୀବୀଙ୍କୁ କୋର୍ଟ ଚାଲାଣ କରାଯାଉଛି। ମାତ୍ର ସମାନ ଅପରାଧ କରିଥିବା ଅନ୍ୟ ଏକ ଟ୍ରଲରରେ ଥିବା ୧୦ ମତ୍ସ୍ୟଜୀବୀଙ୍କୁ ବନ ବିଭାଗ ଛାଡ଼ି ଦେଉଛି। ୨ଟି ଟ୍ରଲର ଧରାଯିବାର ୨ ଘଣ୍ଟା ପରେ ଗୋଟିଏକୁ ଛାଡ଼ି ଦିଆଯିବା ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଛାଡ଼ି ଦିଆଯାଇଥିବା ଟ୍ରଲରରେ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମାଛ ଥିଲା। ଜଣେ ଅଫିସରଙ୍କ ଭାଇ ଯିଏକି ଟ୍ରଲର ମାଲିକ, ତାଙ୍କ ସହ ଡିଲ୍ ପରେ ଜବତ ଟ୍ରଲରକୁ ଛଡ଼ା ଯାଇଥିବା ନେଇ ଚର୍ଚ୍ଚା ହେଉଛି। ବିରଳ ଅଲିଭ୍ ରିଡ୍ଲେ କଇଁଛଙ୍କ ସୁରକ୍ଷା ପାଇଁ ସବୁ ସ୍ତରରେ ଗୁରୁତ୍ୱାରୋପ କରାଯାଉଛି। ଜଣେ ଅଫିସର ପାଟ୍ରୋଲିଂ ଟିମ୍‌କୁ ତାଗିଦ କରି ଜବତ ଟ୍ରଲରକୁ ଛାଡ଼ି ଦେବା ଘଟଣା ସୁରକ୍ଷା ନାଁରେ ଚାଲିଥିବା ଫିକ୍ସିଂକୁ ସାମ୍ନାକୁ ଆଣିଛି।

ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ମେ ୩୧ ଯାଏ ସମୁଦ୍ର ଭିତରେ କଟକଣା ଜାରି କରାଯାଇଛି। ୧୪୩୭ ବର୍ଗ ମିଟର ପରିମିତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଓ ଧାମରା ମୁହାଣଠାରୁ ଦେବୀ ମୁହାଣ ଯାଏ ୧୬୦କିମି ପର୍ଯ୍ୟନ୍ତ ସମୁଦ୍ର କୂଳଠାରୁ ୨୦ କିମି ଯାଏ ଟ୍ରଲର ଚଳାଚଳ ଓ ମାଛଧରା ଉପରେ କଟକଣା ଜାରି କରାଯାଇଛି। ବାବୁବାଲିରୁ ମାଦଳି ମାଉଥ୍ ଯାଏ ଶତାଧିକ ଟ୍ରଲର ବେଧଡ଼କ ଭାବେ ମାଛ ମାରୁଛନ୍ତି। ବନ ବିଭାଗ ପାଟ୍ରୋଲିଂ ଟିମ୍ କାଁ ଭାଁ ସୋମବାର ସୁଦ୍ଧା ମାତ୍ର ୬ଟି ଟ୍ରଲର ଜବତ କରି ନିଜକୁ ନିଜେ ବାହାବା ନେଉଛି। ରବିବାର ରାତିରେ ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ବନ ବିଭାଗ ପାଟ୍ରୋଲିଂ ଟିମ୍ ପଇଁତରା ମାରୁଥିବା ବେଳେ ୨ଟି ଟ୍ରଲର ଜବତ କରିଥିଲେ। ରାତି ପ୍ରାୟ ସାଢ଼େ ୯ଟା ବେଳେ ଚିଙ୍ଗୁଡ଼ି ମୁହାଣ ନିକଟରୁ ଧାମରା ଅଞ୍ଚଳର ସି-କିଙ୍ଗ-୨ ଟ୍ରଲର ଜବତ କରିବା ସହ ସେଥିରେ ଥିବା ୧୦ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଏହି ଟ୍ରଲରକୁ ନେଇ କୂଳକୁ ଆସୁଥିବା ବେଳେ ଅଗରନାସୀ ପଛରେ ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବା ପାରାଦୀପ ଅଞ୍ଚଳର ଗୋଟିଏ ଟ୍ରଲରକୁ ଜବତ କରିଥିଲେ। ୨ଟି ଜବତ ଟ୍ରଲରକୁ ଶାସନପେଟା ଅଣାଯାଉଥିଲା। ଟ୍ରଲର ଜବତ ହେବା ସ୍ଥାନରୁ ୫ କିମି ଜଳପଥରେ ଜବତ ଟ୍ରଲରକୁ ଅଣାଯିବା ପରେ ପେଣ୍ଠ ନିକଟରେ ପାଟ୍ରୋଲିଂ ଟିମ୍ ଫୋନ କଲ୍ ପାଇବା ପରେ ସମୁଦ୍ରରେ ପାରାଦୀପ ଅଞ୍ଚଳର ଜବତ ଟ୍ରଲରକୁ ଛାଡିଦେଇ ସି-କିଙ୍ଗ-୨ ଟ୍ରଲରକୁ ଧରି ଶାସନପେଟା ଆସିଥିବା ଅଭିଯୋଗ ହୋଇଛି। ସୋମବାର ସି-କିଙ୍ଗ ଟ୍ରଲରରେ ଥିବା ୧୦ଜଣ ମତ୍ସ୍ୟଜୀବୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ସି-କିଙ୍ଗ ଟ୍ରଲରରେ ପ୍ରକାଶ କୁମାର ମୁଦି, ଶକ୍ତିପଦ ମୁଦି, ମିଥୁନ ସାହୁ, ଶମ୍ଭୁନାଥ ପରମାଣିକ, ଆଶିଷ ମାଇତି, ଲିଟୁ ମାଇତି, ସପନ ଦାସ, ନିରଞ୍ଜନ ଦଳପତି, ସେକ୍ ଜଏରୁଦ୍ଦିନ, ମାମିନ ଶାହା ମତ୍ସ୍ୟଜୀବୀଙ୍କୁ ରାଜନଗର ଜେଏମ୍ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବାରିମୂଳ ଜେଲକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ଡିଏଫ୍ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରୁ ଗୋଟିଏ ଟ୍ରଲର ଛଡ଼ା ଯାଇଥିବା ଖବର ପାଇଛି, ଏହା ଉପରେ ତଦନ୍ତ କରି ଆକ୍ସନ ନେବୁ ବୋଲି ସେ କହିଛନ୍ତି। ଗିରଫ ହୋଇ ଜେଲ ଯାଇଥିବା ୧୦ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ଶକ୍ତିପଦ ମୁଦି କହିଛନ୍ତି, ବନ ବିଭାଗ ୨ଟି ଟ୍ରଲର ଧରି ଶାସନପେଟା ଆଣୁଥିଲେ। ଗୋଟିଏ ଟ୍ରଲରକୁ ମଝି ସମୁଦ୍ରରେ ଛାଡି ଦେଲେ। ସମାନ ଦୋଷ କରି ଆମେ ଜେଲ ଯାଉଛୁ, ଏକା ଦୋଷ କରି ସେମାନଙ୍କୁ ବନ ବିଭାଗ ଛାଡ଼ି ଦେଇଛି।

# ଧର୍ମଶାଳାକୁ ହରାଇ ଆଳି ଟିମ୍ ବିଜୟୀ


ଅତିଥିଙ୍କ ଗହଣରେ ଖେଳାଳିମାନେ।

ଡେରାବିଶ, ୧୧।୧୨
(ବେବର୍ତ୍ତା ଅଜୟ ଦାସ)

## ହରିଅଙ୍କରେ ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

ଡେରାବିଶ ବ୍ଲକ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ସୋମବାର ଜୟଦୁର୍ଗା ଆଥଲେଟିକ୍ ଆସୋସିଏଶନ୍ ଆନୁକୂଲ୍ୟରେ ୨୫ତମ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାଟର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌ରେ ଆଳି ଆଥଲେଟିକ୍ ଆସୋସିଏଶନ୍ ଓ ଯାଜପୁରର ଧର୍ମଶାଳା ଫୁଟବଲ୍ ଟିମ୍ ପରସ୍ପରକୁ ଭେଟିଥିଲେ। ଖେଳର ପ୍ରଥମାର୍ଦ୍ଧରେ ଧର୍ମଶାଳା ଟିମ୍ ୧-୦ ଗୋଲରେ ଆଗୁଆ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ଶେଷ ବେଳକୁ ଆଳି ଟିମ୍ ଧର୍ମଶାଳକୁ ଗୋଟିଏ ଗୋଲ ଦେଇ ଖେଳକୁ ସମାନ ସ୍ଥିତିକୁ ନେଇଯାଇଥିଲା। ରେଫରୀଙ୍କ ନିର୍ଦ୍ଦେଶ କ୍ରମେ ଟ୍ରାଇବ୍ରେକର ଦ୍ୱାରା ୪-୩ ଗୋଲ୍‌ରେ ଆଳି ଆଥଲେଟିକ୍ ଆସୋସିଏଶନ୍ ବିଜୟ ଲାଭ କରିଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ଆସୋସିଏଶନର ସଭାପତି ନୃସିଂହ ଚରଣ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଲିକ ଯୋଗ ଦେଇଥିଲେ। ସଭାରେ ମୁଖ୍ୟବକ୍ତା ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସୁଖଦାନନ୍ଦ ପ୍ରଧାନ ଯୋଗଦେଇଥିଲେ। ମ୍ୟାଚ୍‌ରେ ଅମ୍ପାୟର ଭାବେ ଶୁସାନ୍ତ ବିଶ୍ୱାଳ, ରିଆଜ୍ କାଦରି, ଅକ୍ଷୟ ହେମ୍ବ୍ରମ୍ ଓ ସୁଶାନ୍ତ ସାହୁ ଖେଳ ପରିଚାଳନା କରିଥିଲେ। ବିଶ୍ୱରଞ୍ଜନ ସାମଲ ମ୍ୟାଚର ଧାରାବିବରଣୀ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଆଥଲେଟିକ୍ ଆସୋସିଏଶନର ସଦସ୍ୟ ଅଞ୍ଜନ ମହାନ୍ତି, ରାମଚନ୍ଦ୍ର ସେଠୀ, ଶରତ ବେହେରା, କୈଳାସ ଲେଙ୍କା, କାଳନ୍ଦି ଦାସ, ଅଲେଖ ବେଜ, ନଟବର ସେଠୀ, ଜଗବନ୍ଧୁ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଜମିବାଡ଼ି ବିବାଦର କରୁଣ ପରିଣତି

ବରୀ, ୧୧।୧୨ (ମହେନ୍ଦ୍ର ସ୍ୱାଇଁ)

## ସାନଭାଇ, ପୁତୁରାଙ୍କ ଆକ୍ରମଣରେ ବଡ଼ଭାଇ ମୃତ

ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ବାଲିବିଲି ପଞ୍ଚାୟତରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ସୋମବାର ଏକ ହତ୍ୟାକାଣ୍ଡ ଘଟିଛି। ବନୋଜ କବି (୬୩) ଓ ସନାତନ କବି (୫୭)ଙ୍କ ମଧ୍ୟରେ ଲାଗି ରହିଥିବା ଏହି ବିବାଦ ଜୀବନ ନେଇଛି । ରବିବାର ରାତିରେ ବଡ଼ଭାଇ ବନୋଜ ଓ ସାନଭାଇ ସନାତନଙ୍କ ମଧ୍ୟରେ ଏହି ବିବାଦକୁ ନେଇ ବଚସା ହୋଇଥିଲେ। ସୋମବାର ସକାଳେ ସନାତନଙ୍କ ପୁଅ ସୁନା ଓ ଚୀନା ଘରେ ପହଞ୍ଚିବା ପରେ ପୂର୍ବ ଘଟଣାକୁ ନେଇ ଉଭୟ ପରିବାର ମଧ୍ୟରେ ପାଟିତୁଣ୍ଡ ଆରମ୍ଭ ହୋଇଯାଇଥିଲା । ଉଭୟ ପକ୍ଷ ମଧ୍ୟରେ ଆକ୍ରମଣ ଓ ପ୍ରତି ଆକ୍ରମଣ ଚାଲିଥିଲା। ଏଥିରେ ବନୋଜ ରକ୍ତ ଜୁଡୁବୁଡୁ ହୋଇ ତଳେ ପଡିଯାଇଥିଲା । ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ହେଲେ ସେଠାରେ ପହଞ୍ଚିବା ପରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନାତନ କବି, ହୁଣ୍ଡି କବି, ହରପ୍ରିୟା କବି, ସତ୍ୟ ସୁନ୍ଦର କବି, ଶୈଳ ସୁନ୍ଦର କବିଙ୍କ ଆକ୍ରମଣରେ ମୋ ସ୍ୱାମୀଙ୍କ ମୃତ୍ୟୁ ଘଟିଛି ବୋଲି ବନୋଜଙ୍କ ସ୍ତ୍ରୀ ଦୀପାଳି ବରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଲିଖିତ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା (ନଂ.୫୧୪/୨୦୨୩) ରୁଜୁ କରିଛି । ଅଭିଯୁକ୍ତ ସନାତନ, ହୁଣ୍ଡି ଓ ହରପ୍ରିୟାଙ୍କୁ ପୋଲିସ ଥାନା ଅଟକ ରଖି ପଚରାଉଚରା ଜାରି ରଖିଛି। ଏହି ହତ୍ୟାକାଣ୍ଡକୁ ନେଇ ଉତ୍ତେଜନା ଲାଗି ରହିଛି । ବରୀ ପୋଲିସ ପକ୍ଷରୁ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି ।

# ମହାକାଳପଡ଼ାରେ ଶିଳ୍ପକୁ ସବୁବର୍ଗର ସ୍ୱାଗତ

■ ରାମନଗର, ବନବିହାରୀପୁର ଜନଶୁଣାଣି, ଗ୍ରାମସଭା

■ ଶିଳ୍ପ ମାନଚିତ୍ରରେ କେନ୍ଦ୍ରାପଡ଼ା ଜିଲାକୁ ସ୍ଥାନ ମିଳିବ

■ ମତ୍ସ୍ୟଜୀବୀ, ଚାଷୀଙ୍କୁ ସ୍ୱତନ୍ତ୍ର ଥଇଥାନ କରିବାକୁ ଦାବି

■ ପ୍ରତିବର୍ଷ ୨୪ ମେଟ୍ରିକ ଟନ୍ ଇସ୍ପାତ ଉତ୍ପାଦନ ହେବ


ଜନଶୁଣାଣିରେ ଜମି ହରାଇବାକୁ ଥିବା ଚାଷୀ ନିଜର ମତବ୍ୟକ୍ତ କରୁଛନ୍ତି।


ମଞ୍ଚରେ ଉପସ୍ଥିତ ଜିଲା ପ୍ରଶାସନିକ ଅଧିକାରୀଙ୍କ ସମେତ କମ୍ପାନୀ ଅଧିକାରୀ।

ମହାକାଳପଡ଼ା, ୧୧।୧୨
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗର, ଖରିନାସି ଓ ବଟିଘର ପଞ୍ଚାୟତରେ ପ୍ରସ୍ତାବିତ ବୃହତ ଇସ୍ପାତ ଶିଳ୍ପ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ଏହା ପ୍ରତିଷ୍ଠା ହେଲେ ଶିଳ୍ପ ମାନଚିତ୍ରରେ କେନ୍ଦ୍ରାପଡ଼ା ଜିଲା ସ୍ଥାନ ମିଳିବ ବୋଲି କୁହାଯାଇଛି। ଏହି ଅବସରରେ ସୋମବାର ପୂର୍ବାହ୍ନରେ ଲୁଣିମାଠିଆସ୍ଥିତ ଆଦିବାସୀ ଖେଳପଡ଼ିଆଠାରେ ପ୍ରସ୍ତାବିତ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ରାମନଗର ପଞ୍ଚାୟତର ରାମନଗର, ବନବିହାରୀପୁର ଗାଁର ଅଧିବାସୀଙ୍କ ଉପସ୍ଥିତିରେ ଗ୍ରାମସଭା, ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ଜମି ମାଲିକମାନେ ଉପସ୍ଥିତ ରହି ନିଜ ନିଜର ମତପ୍ରକାଶ କରିବା ସହ ଶିଳ୍ପକୁ ସ୍ୱାଗତ କରିଥିଲେ। ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ କମ୍ପାନୀ ପ୍ରତିଷ୍ଠା ହେଲେ ୨୪ ମେଟ୍ରିକ୍ ଟନ୍ ପ୍ରତିବର୍ଷ ଇସ୍ପାତ ଉତ୍ପାଦନ ହେବ ବୋଲି ଅଧିକାରୀ କହିଥିଲେ। ପ୍ରକଳ୍ପ ପ୍ରତିଷ୍ଠା ପାଇଁ ମହାକାଳପଡ଼ା ତହସିଲ ଅଧୀନ ରାମନଗର ଗାଁର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଲୋକେ ପ୍ରଭାବିତ ହେବେ। ଏହି ଗ୍ରାମବାସୀଙ୍କ ଜମି ଅଧିଗ୍ରହଣ କରାଗଲେ ଅନେକ ପରିବାର ବିସ୍ଥାପିତ ହେବା ସହ ଭୂମିହୀନ ହେବେ। ଅପରପକ୍ଷରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଉପରେ ପ୍ରଭାବ ପଡ଼ିବ ବୋଲି ଅଭିଯୋଗ କରାଯାଇଥିଲା। କମ୍ପାନୀ ବିସ୍ଥାପିତ ପରିବାରଙ୍କ ପାଇଁ ଥଇଥାନ ପ୍ୟାକେଜ ଘୋଷଣା କରିବାକୁ ଦାବି କରାଯାଇଥିଲା। ପରିବାରକୁ ନିଯୁକ୍ତି, ବାସହରାଙ୍କୁ ଥଇଥାନ କଲୋନୀ ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୃଷ୍ଟି ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବା, ଜମି ଏକର ପିଛା ୧ରୁ ୨ କୋଟି ପ୍ରଦାନ, ମତ୍ସ୍ୟଜୀବୀ, ବ୍ୟବସାୟୀ ଓ ଚାଷୀଙ୍କୁ ସ୍ୱତନ୍ତ୍ର ଥଇଥାନ କରିବାକୁ ଚାଷୀମାନେ ଦାବି କରିଥିଲେ। ଶିଳ୍ପ ପ୍ରତିଷ୍ଠା ହେଲେ ଜଳ, ଜମି, ଜଙ୍ଗଲ ଓ ପରିବେଶ ପ୍ରଭାବିତ ହେବ ବୋଲି କୁହାଯାଇଥିଲା।

ସେହିପରି ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ କମ୍ପାନୀ ପ୍ରଥମ ପର୍ଯ୍ୟାୟରେ ୧୪ ଏମ୍‌ଟିପି କ୍ଷମତାସମ୍ପନ୍ନ ଇସ୍ପାତ ନିର୍ମାଣ ପାଇଁ ୧ ଲକ୍ଷ ୪୫ ହଜାର ୧୨୦ କୋଟି ଅର୍ଥ ବିନିଯୋଗ କରିବ। ନିଯୁକ୍ତି ସୁଯୋଗ, ସ୍ଥାନୀୟ ଲୋକଙ୍କ ରୋଜଗାର ବୃଦ୍ଧି ସହ ସରକାରଙ୍କ ରାଜସ୍ୱ ବୃଦ୍ଧିରେ ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ରାମନଗର ଗାଁର ଜମି ହରାଇବାକୁ ଥିବା ଚାଷୀମାନଙ୍କ କହିବା କଥା ଶିଳ୍ପକୁ ସ୍ୱାଗତ କରୁଛୁ। କିନ୍ତୁ କମ୍ପାନୀ ଜମି ମାଲିକମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେଉ ବୋଲି ସେ ଦାବି କରିଥିଲେ। ଗ୍ରାମର ବିଶ୍ୱନାଥ ବୈଦ, ଅର୍ଜୁନ ମଣ୍ଡଳ, ପ୍ରଶାନ୍ତ କୁମାର ସାମନ୍ତରାୟ, ମେଘନାଦ ପାଲ, ନିକୁଞ୍ଜ ସିକଦାର, ସନ୍ତୋଷ ଦେବନାଥ, ଅଶୋକ ଗାୟନଙ୍କ ସମେତ ଗ୍ରାମର କେତେଜଣ ଚାଷୀ ନିଜ ନିଜର ମତ ରଖିଥିଲେ। ଅପରପକ୍ଷରେ ବନବିହାରୀପୁର ଗାଁର ପ୍ରକାଶ ପ୍ରଧାନ, ଅଭୟ ପରିଡ଼ା, ସଞ୍ଜୟ ଶୁକ୍ଳା, ସୁଧୀର ବେହେରା, ଦଳିତା ମହାପାତ୍ର, ଲିଲିବାଳା ଜେନା, ରମେଶ ଚନ୍ଦ୍ର ରାଉତ, ବାବୁରାମ ଚୌଧୁରୀଙ୍କ ସମେତ ବହୁ ଚାଷୀ ନିଜର ମତ ରଖିଥିଲେ। ସେମାନଙ୍କ କହିବା କଥା ଜମି ହରାଇବାକୁ ଥିବା ଚାଷୀଙ୍କୁ ୨୦୨୪ ଜାନୁୟାରୀ ସୁଦ୍ଧା କ୍ଷତିପୂରଣ ଅର୍ଥ ପ୍ରଦାନ କରାଯାଉ। ସେହିପରି ଜାନୁୟାରୀ ସୁଦ୍ଧା ଅର୍ଥ ପ୍ରଦାନ କରା ନ ଗଲେ ଆଗାମୀ ନିର୍ବାଚନକୁ ଆଖିଆଗରେ ରଖି କମ୍ପାନୀ ପ୍ରହସନ କରୁଛନ୍ତି ବୋଲି ବନବିହାରୀପୁର ଚାଷୀ ସଞ୍ଜୀବ ରାଉତ ଗୁରୁତର ଅଭିଯୋଗ କରିଛନ୍ତି। ଏଥିରେ ୫ ଶହରୁ ଅଧିକ ସ୍ଥାନୀୟ ଚାଷୀ ଯୋଗଦେଇଥିଲେ। ଅପରପକ୍ଷରେ କାରଖାନା ପ୍ରତିଷ୍ଠା ହେଲେ ଏହି ଅଞ୍ଚଳର ୧୨୭୯ ହେକ୍ଟର ଜଙ୍ଗଲ ପ୍ରଭାବିତ ହେବ ବୋଲି ବିଭାଗୀୟ ଅଧିକାରୀ ମତବ୍ୟକ୍ତ କରିଛନ୍ତି।

ଜନଶୁଣାଣିରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର (ରାଜସ୍ୱ), ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲାର ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଶିବାଶିଷ ପରିଡ଼ା ଓ ଜମି ଅଧିଗ୍ରହଣ ଅଧିକାରିଣୀ (ସିଭିଲ) ଅଞ୍ଜଳି ତରାଇ, ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ବିଡିଓ ସାଗର କୁମାର ନନ୍ଦ, ଇଡ୍‌କୋ ସାଧାରଣ ପରିଚାଳକ ସସ୍ମିତ ଗଡ଼ନାୟକ, ଜିଲା ସାମାଜିକ ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, କମ୍ପାନୀ ବରିଷ୍ଠ ଅଧିକାରୀ ଲକ୍ଷ୍ମୀ ଚରଣ ମହାପାତ୍ର , ଅଭିଷେକ ଦାଶ , ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ବ୍ଲକ ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା, ଜିଲା ପରିଷଦ ସଦସ୍ୟ ମୃତ୍ୟୁଞ୍ଜୟ ମଣ୍ଡଳ, ରାମନଗର ସରପଞ୍ଚ ମିଲନ କୁମାର ଦେବନାଥ ପ୍ରମୁଖ ସାମିଲ ହୋଇଥିଲେ। ଶିବିରରେ ଏସ୍‌ପି ମଡକର ସନ୍ଦିପ ସମ୍ପଦ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅନନ୍ତ


@ ଗଣେଶ୍ୱର


@ ହିମାଂଶୁ


@ ପାର୍ଥସାରଥି


@ ଶ୍ରୀତମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଟ୍ରକ୍ ଚକା ତଳୁ ଜୀବନ ପାଇଲେ ସାଇକେଲ ଆରୋହୀ

ପାଣିକୋଇଲି, ୧୧।୧୨ (ବିକାଶ କୁମାର ମଲିକ)

ପାଣିକୋଇଲି ବଜାରର ଓରିନ୍ଦାରୋଡ ନିକଟରେ ଏକ ଟ୍ରକ ଚକା ତଳେ ସାଇକେଲ ଆରୋହୀ ପଡି ଯାଇଥିଲେ। ହେଲେ ସେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ହେଲେ ତାଙ୍କ ସାଇକେଲଟି ଚୁରମାର ହୋଇଛି। ସୋମବାର ପୂର୍ବାହ୍ଣରେ ସ୍ଥାନୀୟ ଜଣେ ବାସିନ୍ଦା ସାଇକେଲରେ ଆସୁଥିବା ବେଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ପଡିଯାଇଥିଲେ । ଟ୍ରକ ସାଇକେଲ ଉପରେ ସମ୍ପୂର୍ଣ୍ଣ ଚଢ଼ି ଯାଇଥିଲେ ମଧ୍ୟ ଆରୋହୀ ବର୍ତ୍ତି ଯାଇଥିଲେ । ଫଳରେ ଘଟଣାସ୍ଥଳେ ଉତ୍ତେଜନା ପ୍ରକାଶ ପାଇଥିଲା। କିଛିସମୟ ପାଇଁ ରାସ୍ତାରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି ।

# ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ଅସଦାଚରଣ

ଆଳି, ୧୧।୧୨ (ବନମାଳୀ ସେନାପତି)

ଆଳି ଥାନା ଅଞ୍ଚଳରେ ଥିବା ଏକ ବହୁ ପୁରାତନ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଭଳି ଏକ ଖବର ମିଳିଛି। ହେଲେ ଥାନାରେ କୌଣସି ମାମଲା ହୋଇ ନ ଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଏକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ପାଠ ପଢୁଥିବା ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ପାଠ ବୁଝାଇବା ସହ ପରୀକ୍ଷାରେ ଅଧିକ ନମ୍ବର ଦେବାର ପ୍ରଲୋଭନ ଦେଖାଇ ଅସଦାଚରଣ କରିଥିଲେ। ଛାତ୍ରୀ ଜଣକ ଏ ନେଇ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ପରିବାର ଲୋକ ପ୍ରଧାନ ଶିକ୍ଷକଙ୍କୁ ଏ ବିଷୟରେ ପଚାରିଥିଲେ। କିନ୍ତୁ ପ୍ରଥମେ ପ୍ରଧାନ ଶିକ୍ଷକ ଏହାକୁ ସ୍ୱୀକାର କରି ନ ଥିଲେ। ପୁଣି ପରିବାର ଲୋକ ଓ ଗ୍ରାମର ଭଦ୍ରଲୋକ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିବା ସହ ଭୁଲ ମାଗି ଘଟଣାର ମିମାଂସା କରି ଦେଇଛନ୍ତି। ଅପରପକ୍ଷେ ବିଦ୍ୟାଳୟରୁ ଅନ୍ୟତ୍ର ବଦଳି ହୋଇଯିବାକୁ ଭଦ୍ରଲୋକମାନେ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ଶିକ୍ଷକ ମଧ୍ୟ ଘଟଣା ଦିନଠୁ ବିଦ୍ୟାଳୟ ଆସୁ ନ ଥିବା ଜଣାପଡିଛି। ଏହି ଘଟଣା ଅଞ୍ଚଳରେ ଆଲୋଚନାର ବିଷୟ ପାଲଟି ଥିବା ବେଳେ ଲୋକଲଜ୍ଜା ଭୟରେ ଥାନାରେ ଅଭିଯୋଗ ହୋଇନାହିଁ।

# ମଲା ଫୁଲଗଛ ସୌନ୍ଦର୍ଯ୍ୟ ନଷ୍ଟ କରୁଛି

ନୟାଗଡ଼,୧୧।୧୨(ଲୋକନାଥ ମିଶ୍ର)



**ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ**

- ଫୁଲଗଛ ନାଁରେ ହେରଫେର ଅଭିଯୋଗ
- ପୁଣି ଲାଗିବ ନୂଆ ଫୁଲ ଚାରା
- ପାଣି ଦେଇ ନ ପାରିବାରୁ ମରୁଛି ଗଛ
- ନିୟୋଜିତ ଏଜେନ୍ସିକୁ ଅନୁକମ୍ପା

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ମଲା ଫିଲ ଗଛ ସୌନ୍ଦର୍ଯ୍ୟ ନଷ୍ଟ କରୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଚିକିତ୍ସାଳୟରେ ପାଣି ଅଭାବରୁ ମରି ଯାଇଥିବା ଗଛ ଓ ପାଣି ନ ଦେବାରୁ ଆଉ କିଛି ଗଛ ମରିବାକୁ ଯାଉଛି। ତେବେ ଫୁଲଗଛରେ ପାଣି ଦେବାକୁ ନିୟୋଜିତ ଏଜେନ୍ସି କର୍ମଚାରୀଙ୍କୁ ଏଥିପାଇଁ ଉତ୍ତରଦାୟୀ ନ କରି ଅନୁକମ୍ପା ପ୍ରଦର୍ଶନ କରାଯାଉଛି। ଏଣୁ ଫୁଲ ଗଛ ମଲା ପରେ ନୂଆଗଛ ଲଗାଯିବା, ଫୁଲଚାରାର ରକ୍ଷଣାବେକ୍ଷଣ ନାଁରେ ଖର୍ଚ୍ଚ ହେଉଥିବା ଟଙ୍କାର ତଦନ୍ତ ପାଇଁ ଦାବି ଉଠିଛି। ଫୁଲ ଚାରା ପାଇଁ କେତେ ଟଙ୍କା ଖର୍ଚ୍ଚ ହେଉଛି ଏକ ସୂଚନା ଫଳକ ଲଗାଯିବା ଦରକାର ବୋଲି ମତ ପ୍ରକାଶ ପାଇଛି।

ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ବିଭିନ୍ନ ସମୟରେ ଫୁଲଗଛ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ସ୍ଥାନରେ ଲାଗୁଛି। ପୁଣି କାୟାକଳ୍ପ ଟିମ୍‌କୁ ଜିଲା ମୁଖ୍ୟ ଚିକିତ୍ସାଳୟର ସୌନ୍ଦର୍ଯ୍ୟ ଦେଖାଇବାକୁ ଲକ୍ଷାଧିକ ଟଙ୍କା ଫୁଲ ଗଛ ନାଁରେ ଖର୍ଚ୍ଚ ଚାଲିଛି। ଫୁଲ ଗଛ ଲଗାଇବାରେ ୩ ବର୍ଷ ଭିତରେ କେତେ ଟଙ୍କା ଖର୍ଚ୍ଚ ହୋଇଛ ତାର ହିସାବ ମିଳୁ ନ ଥିବାବେଳେ ଏଥିପାଇଁ କେତେ ବ୍ୟୟ ହୋଇଛି ତଦନ୍ତ କଲେ ଦୁର୍ନୀତି ପଦାକୁ ଆସିବ। ଜିଲା ମୁଖ୍ୟ ଚିକିତ୍ସାଳୟ ଭିତରେ ଥିବା ମାତୃ ଶିଶୁ ଚିକିତ୍ସାଳୟ ସମ୍ମୁଖରେ ଫୁଲ କୁଣ୍ଡ ରହିଛି। ଫୁଲ କୁଣ୍ଡରେ ଯେଉଁ ଗଛ ରହିଛି ସେଥିରୁ ୯୦ ପ୍ରତିଶତ ଗଛ ମରି ସାରିଛି। ଏବେ କିଛି ଦିନ ହେଲା ପୁଣି କିଛି ମଲା ଗଛ ଆଣି ସେଠାରେ ରଖାଯାଇଛି। ଫୁଲ ଗଛ ଯେଉଁଠି ଥାଉ ନା କାହିଁକି ପାଣି ନ ଦେଲେ ମରିଯିବା ସ୍ୱାଭାବିକ। ଯଦି ଫୁଲ ଗଛ ଲାଗୁଛି ପାଣି ପାଇଁ କାହିଁକି ବ୍ୟବସ୍ଥା କରାଯାଉନି ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ଯଦି ପାଣି ଦେବା ପାଇଁ ଏଜେନ୍ସିକୁ ଦାୟିତ୍ୱ ଦିଆଯାଇଛି ସେମାନେ ଦରମା ନେଉଥିବାବେଳେ ଗଛରେ କାହିଁକି ପାଣି ଦେଉନାହାନ୍ତି। ସେମାନଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ହୋଇଛି। ଫୁଲ ଗଛ ନାଁରେ ଚାଲିଥିବା ଦୁର୍ନୀତିର ତଦନ୍ତ ପାଇଁ ଦାବି ଉଠିଛି। ଏ ନେଇ ନୟାଗଡ଼ର ବିଭୂତି ଭୂଷଣ ପଟ୍ଟନାୟକ କହିଛନ୍ତି, କାୟାକଳ୍ପ ପୁରସ୍କାର ହାତେଇବା ପାଇଁ ଚିକିତ୍ସାଳୟର ସୌନ୍ଦର୍ଯ୍ୟକୁ ଗୁରୁତ୍ୱ ଦିଆଯିବା ଠିକ୍। ତେବେ ଫୁଲ ଗଛ ନାଁରେ ଯେପରି ଅପବ୍ୟୟ କରାଯାଉଛି ସେଥିରେ ଆମ ଟଙ୍କା ପାଣିରେ ପଡୁଛି। ଚିକିତ୍ସାଳୟର କେଇ ଜଣ କର୍ମଚାରୀ ଓ ଅଧିକାରୀଙ୍କ ଲାଭ ଖୋର ମନୋଭାବ ଯୋଗୁ ଫୁଲ ଗଛ ଲଗାଇବା ଓ ରକ୍ଷଣାବେକ୍ଷଣ ନାଁରେ ଦୁର୍ନୀତି ଚାଲିଛି। ଏହାକୁ ରୋକିବା ଦରକାର। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ହସ୍ପିଟାଲ ମ୍ୟାନେଜର ଅଭିରାମ ସାହୁଙ୍କୁ ପଚାରିବାରେ ପାଣି ଦେବାକୁ ନିୟୋଜିତ ଏଜେନ୍ସି ପାଣି ନ ଦେବାରୁ ଗଛ ଗୁଡ଼ିକ ମରିଗଲା। ନୂଆ ଗଛ ଲାଗିବାକୁ ମଲା ଗଛ ଗୁଡ଼ିକ ସଂଗ୍ରହ କରି ରଖାଯାଇଛି। ମାଟି ବଦଳାଇ ପୁଣି ନୂଆ ଗଛ ଲଗାଯିବ। ଫୁଲ ଗଛ ଲଗାଯିବାରେ ଦୁର୍ନୀତି ହୋଇ ନାହି ବୋଲି ସେ କହିଛନ୍ତି।

# ରଥକାଠ ଅନୁକୂଳ ପାଇଁ ସମୟ ନିର୍ଘଣ୍ଟ



ରଥକାଠ ଅନୁକୂଳ ପାଇଁ ଶୁଭଦିନ ଗଣନା କରାଯାଉଛି।

ଗଣିଆ,୧୧।୧୨ (ସନ୍ତୋଷ କୁମାର ପ୍ରଧାନ)

ବିଶ୍ୱପ୍ରସିଦ୍ଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆସନ୍ତା ୨୦୨୪ ରଥଯାତ୍ରା ନିମନ୍ତେ ରଥକାଠ ଅନୁକୂଳ ପାଇଁ ଶୁଭଦିନ ଗଣନା କରାଯାଇଛି। ଗଣିଆରେ ଦଶପଲ୍ଲା ବନ ବିଭାଗର କର୍ମଚାରୀମାନେ ପହଞ୍ଚି ପୁରୋହିତ ପ୍ରସନ୍ନ କୁମାର ଦାଶ ଓ ଗଣକ ତଥା ଅବସରପ୍ରାପ୍ତ ବନପାଳ ପ୍ରଫୁଲ୍ଲ କୁମାର ଦାଶଙ୍କ ନିକଟରେ ରଥକାଠ ଅନୁକୂଳ ପୂଜା ପାଇଁ ଶୁଭଦିନ ଧାର୍ଯ୍ୟ କରିଛନ୍ତି। ଗଣନା ଅନୁଯାୟୀ ୨୦୨୪ ଜାନୁଆରୀ ୨ ଓ ୯ ତାରିଖ ପୂଜା ପାଇଁ ଶୁଭଦିନ ବୋଲି ଗଣକ ଓ ପୁରୋହିତ ସୂଚନା ଦେଇଛନ୍ତି। ଏହି ଗଣନା ଅନୁଯାୟୀ, ଦଶପଲ୍ଲା ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ନୟାଗଡ଼ ବନଖଣ୍ଡ ଅଧିକାରୀ ଓ ପରେ ଶ୍ରୀମନ୍ଦିର ପ୍ରଶାସକଙ୍କ ନିକଟକୁ ପଠାଇବା ପରେ ପୂଜା ପାଇଁ ଯେକୌଣସି ଗୋଟିଏ ଦିନି ସ୍ଥିର କରାଯିବ। ଏହା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପରମ୍ପରା ଅନୁଯାୟୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ନୟାଗଡ଼ ଜିଲା ଗଣିଆ ବ୍ଲକ ବଡ଼ରାଉଳ ପୀଠରେ ପହଞ୍ଚିବା ପରେ ଦଶପଲ୍ଲା ବନାଞ୍ଚଳ ପକ୍ଷରୁ ରୀତିନୀତି ଅନୁଯାୟୀ ରଥକାଠ ପୂଜା ଅନୁଷ୍ଠିତ ହୋଇଥାଏ।

# ଛାତ୍ରୀ ବିଦ୍ୟାବିଜିତା ରାଜ୍ୟରେ ପ୍ରଥମ

ନୟାଗଡ଼,୧୧।୧୨(ଲୋକନାଥ ମିଶ୍ର)

**ଭାଷା ଅନେକ ଭାବ ଏକ ବିତର୍କ ପ୍ରତିଯୋଗିତା**



ବିଦ୍ୟାବିଜେତା ମହାନ୍ତିଙ୍କୁ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ରୀ ବିଦ୍ୟାବିଜିତା ମହାନ୍ତି ସରକାରଙ୍କ ଦ୍ୱାରା ଆୟୋଜିତ ଭାଷା ଉତ୍ସବ ପାଳନ ଅବସରରେ ଭାଷା ଅନେକ ଭାବ ଏକ ବିତର୍କ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହାଦ୍ୱାରା ନୟାଗଡ଼ ଜିଲା ତଥା ସ୍ୱୟଂ ଶାସିତ ମହାବିଦ୍ୟାଳୟ, ନୟାଗଡ଼ର ଗୌରବ ବଢ଼ାଇଛନ୍ତି।

ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ଭୁବନେଶ୍ୱର ଦ୍ୱାରା ପ୍ରାୟୋଜିତ ଭୁବନେଶ୍ୱର ସର୍ଦ୍ଦାର ପଟେଲ ହଲ କମ୍ପ୍ଲେକ୍ସରେ ଆୟୋଜିତ ଉତ୍ସବରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ପଦ୍ମଶ୍ରୀ ପ୍ରଫୁଲ୍ଲ କୁମାର ମିଶ୍ର, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା, ବରିଷ୍ଠ ଗବେଷକ ଦେବାଶିଷ ମହାପାତ୍ର ପ୍ରମୁଖ ବିଦ୍ୟା ବିଜିତାଙ୍କୁ ମାନପତ୍ର ସହ ୫ ହଜାର ଅର୍ଥ ରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରିଛନ୍ତି। ତାଙ୍କର ବିତର୍କକୁ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପକ ବାନାମ୍ବର ପୃଷ୍ଟି, ଅଧ୍ୟାପକ କେଶବ ରାଉତରାୟ, ଅଧ୍ୟାପକ ସହଦେବ ବେହେରା, ଅଧ୍ୟାପକ ସଞ୍ଜୟ ସାହୁ, ଅଧ୍ୟାପିକା ଜ୍ୟୋତ୍ସ୍ନାଞ୍ଜଳି ମଙ୍ଗରାଜ, ଅଧ୍ୟାପିକା ବିଦ୍ୟୁଲତା ଷଣ୍ଢ, ଅଧ୍ୟାପକ ମହାପ୍ରସାଦ ରଥ ଆଦି ଉଚ୍ଚ ପ୍ରଶଂସା କରିଥିଲେ। ଭାଷା ବିଭାଗ ପକ୍ଷରୁ ବରିଷ୍ଠ ଗବେଷକ ଗୋବିନ୍ଦ ଚନ୍ଦ୍ର ପେଣୋଇ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଛାତ୍ରୀ ବିଦ୍ୟା ବିଜିତା ମହାନ୍ତି ନୟାଗଡ଼ ସରକାରୀ ଓକିଲ ବଳଭଦ୍ର ମହାନ୍ତିଙ୍କ ସୁକନ୍ୟା ଅଟନ୍ତି।




ବାଲ ବିଜ୍ଞାନ ପ୍ରଦର୍ଶନୀରେ ପିଲାମାନଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ।

# ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ୬୪ ପ୍ରକଳ୍ପ

ନୟାଗଡ଼,୧୧।୧୨(ଲୋକନାଥ ମିଶ୍ର)

ନୟାଗଡ଼ ବ୍ରଜେନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସମଗ୍ର ଶିକ୍ଷା ନୟାଗଡ଼ ପକ୍ଷରୁ ସୋମବାର ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଆରମ୍ଭ ହୋଇଛି। ଏହା ମଙ୍ଗଳବାର ଉଦ୍‌ଯାପିତ ହେବ। ପ୍ରଦର୍ଶନୀରେ ସ୍ଥାନ ପାଇଛି ୮ଟି ବ୍ଲକର ୮ଟି ଲେଖାଏ ୬୪ ପ୍ରକଳ୍ପ। ଏଥିରେ ମୁଖ୍ୟ ଅତିଥି ରୂପେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ରଣପୁର ବିଧାୟକ ମୁଖ୍ୟ ଅତିଥି ରୂପେ ନିମନ୍ତ୍ରଣ ପତ୍ରରେ ଉଲ୍ଲେଖ କରାଯାଇଥିବାବେଳେ ସେ ଅନୁପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବସନ୍ତ କୁମାର ବେହେରା, ନୟାଗଡ଼ ଓ ଖଣ୍ଡପଡ଼ା ବ୍ଲକକୁ ଛାଡି ଦେଲେ ଅନ୍ୟ ୬ଟି ବ୍ଲକର ବିଇଓ ମଞ୍ଚାସୀନ ଥିଲେ। ଓଡ଼ଗାଁ ବିଇଓ ଗୀତାଞ୍ଜଳି ସାହୁ ସଂଯୋଜନା କରୁଥିବାବେଳେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶରତ କୁମାର ସାହୁ ବିବରଣୀ ପଠନ କରିଥିଲେ। ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମାକାନ୍ତ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତେବେ ପ୍ରଦର୍ଶନୀରେ ଖୋଲିଥିବା ହେଲପ ଡେକ୍ସ, ଅଫିସିଆଲ, ଫାଷ୍ଟ ଏଡ ଓ ପଞ୍ଜୀକରଣ ଷ୍ଟଲ ଖାଲି ପଡ଼ିଥିଲା। ପୁଣି କିଛି ପ୍ରକଳ୍ପଧାରୀ ପ୍ରଦର୍ଶନୀକୁ ବିଜ୍ଞାନ ମେଳା ଲେଖିଥିବାବେଳେ ଆଉ କିଛି ବିଜ୍ଞାନ ଓ ଗଣିତ ମେଳା ଲେଖିଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅନନ୍ତ



@ ଗଣେଶ୍ୱର



@ ହିମାଂଶୁ



@ ପାର୍ଥସାରଥି



@ ଶ୍ରୀତମ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ରୀନୀଳମାଧବ ପୀଠରେ ଦେବ ଦୀପାବଳି ଉତ୍ସବ

ଖଣ୍ଡପଡ଼ା,୧୧।୧୨
(ଅଜୟ କୁମାର ମହାରଣା)



ଶ୍ରୀନୀଳମାଧବ ଜୀଉଙ୍କ ଶ୍ରାଦ୍ଧ ବେଶ।

ଜଗନ୍ନାଥ ସଂସ୍କୃତିର ଆଦି ପୀଠ କଣ୍ଟିଲୋ ଶ୍ରୀନୀଳମାଧବ ପୀଠରେ ସୋମବାରଠାରୁ ଆରମ୍ଭ ହୋଇଛି ଦେବ ଦୀପାବଳି। ଏହି ପାରମ୍ପରିକ ଦେବ ଦୀପାବଳି ଉତ୍ସବ ୩ଦିନ ବ୍ୟାପୀ ଅନୁଷ୍ଠିତ ହୋଇ ବୁଧବାର ପାରମ୍ପରିକ ରୀତିରେ ଉଦ୍‌ଯାପିତ ହେବ। ଏହି ଉତ୍ସବରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ସମବେତ ହୋଇ ସେମାନଙ୍କ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥିଲେ। ଶ୍ରୀନୀଳମାଧବ ଜୀଉଙ୍କ ମନ୍ଦିରରେ ମାର୍ଗଶୀର କୃଷ୍ଣପକ୍ଷ ତ୍ରୟୋର୍ଦ୍ଦଶୀ, ଚର୍ତ୍ତୁଦଶୀ ଓ ଶୁକ୍ଳ ପ୍ରତିପଦା ୩ ଦିନ ବ୍ୟାପୀ ପାରମ୍ପରିକ ରୀତିରେ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପିତୃ ପୁରୁଷଙ୍କୁ ପିଣ୍ଡ ଅର୍ପଣ କରିବେ ମହାପ୍ରଭୁ। ଏହି ଅବସରରେ ଶ୍ରୀଜୀଉଙ୍କ ଶ୍ରାଦ୍ଧ ବେଶ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଶ୍ରୀନୀଳମାଧବ ଜୀଉଙ୍କ ସନ୍ଧ୍ୟା ଆଳତି, ଧୂପ ପରେ ଠାକୁରଙ୍କ ପକ୍ଷରୁ ପୂଜାରୀ ଓ ସେବାୟତମାନେ ବାମନଙ୍କ ମାତା ଅଦିତି ଓ ପିତା କଶ୍ୟପଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥିଲେ। ଶତାଧିକ ଶ୍ରଦ୍ଧାଳୁ ଘିଅ ବଳିତା ଧରି ଠାକୁରଙ୍କ ପିତୃ ପୁରୁଷଙ୍କ ନିମନ୍ତେ ଆଲୋକ ପ୍ରଦାନ କରିଥିଲେ।

# ୨୨୬ ଅଭିଯୋଗ ପଞ୍ଜୀକୃତ: ୯୮ ତତ୍କାଳ ସମାଧାନ

ନୂଆଗାଁ, ୧୧।୧୨ (ଧନେଶ୍ୱର ସାହୁ)

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର
- ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ପାଇଁ ଦଲାଲଙ୍କ ଭିଡ଼



ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଟ୍ରାଇ ସାଇକେଲ ଦିଆଯାଇଛି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭାଗୃହ ମଧ୍ୟରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଜୀକୃତ ହୋଇଥିବା ୨୨୬ ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ୧୫୫, ସାମୁହିକ ୧୧ ଓ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ସମ୍ପର୍କିତ ୬୦ ଅଭିଯୋଗ ଥିଲା। ସେଥିରୁ ୯୮ଟି ଅଭିଯୋଗ ତତ୍କାଳ ସମାଧାନ କରାଯାଇଥିଲା। କେତେଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ଦିଆଯାଇଥିଲା। ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ପାଇଁ ଦଶପଲ୍ଲା, ଗଣିଆ, ଖଣ୍ଡପଡ଼ା ଆଦି ବ୍ଲକରୁ ଲୋକମାନେ ଆସି ଲମ୍ୱା ଲାଇନ୍‌ରେ ଥିବାବେଳେ ସେମାନଙ୍କୁ କେତେଜଣ ଦଲାଲ ଆଣି ଆସିଥିବା ଅଭିଯୋଗ ହୋଇଥିଲା। ତେବେ ନୂଆଗାଁ ସମେତ ଗଣିଆ, ଖଣ୍ଡପଡ଼ା, ଦଶପଲ୍ଲା ଆଦି ବିଭିନ୍ନ ବ୍ଲକରୁ ମୋଟ ୬୦ଜଣ ହିତାଧିକାରୀ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ପାଇଁ ଆବେଦନ କରିଛନ୍ତି।

ଗରିବ ଲୋକମାନଙ୍କ ଚିକିତ୍ସା, ପାଠ ପଢ଼ିବା ଆଦି ପାଇଁ ସରକାର ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ଯୋଗାଇ ଦେଉଛନ୍ତି। କିନ୍ତୁ କେତେଜଣ ଦଲାଲ ଲୋକମାନଙ୍କୁ ହାତେଇ ଏହି ଅର୍ଥକୁ ଲୁଟିବାରେ ଲାଗିଛନ୍ତି। ଲୋକମାନଙ୍କୁ ଅଭିଯୋଗ ଶିବିରକୁ ଆଣି ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ପାଇଁ ଆବେଦନ କରାଉଛନ୍ତି। ହିତାଧିକାରୀ ଉକ୍ତ ରାଶି ପାଇବା ପରେ ମୋ ଚେଷ୍ଟା ଯୋଗୁ ଟଙ୍କା ପାଇଲ କହି ଦଲାଲ ସେମାନଙ୍କଠାରୁ ଅଧାରୁ ଅଧିକ ଅନୁଦାନ ଲୁଟୁଛନ୍ତି। ନୂଆଗାଁ ଶିବିରକୁ ଆସିଥିବା ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ଦଲାଲଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ଠାବ କରି ଏ ସଂକ୍ରାନ୍ତରେ ଜିଲାପାଳ ଓ ବିଡିଓଙ୍କୁ ଜଣାଇଥିଲେ। ନୂଆଗାଁ ବ୍ଲକ ଯାତ୍ରୀ ବିଶ୍ରାମ ଗୃହ ମରାମତି ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୂପାନ୍ତରିକରଣ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ରଗଡ଼ିମଡା ଗ୍ରାମ୍ୟ ଜଙ୍ଗଲରୁ ବେଆଇନ୍ ଭାବେ ଜାଗା ଦଖଲ ଓ ସେହି ଜାଗାରେ ଥିବା ବିପୁଳ ପରିମାଣର ଶାଳଗଛ କଟାଯାଇଥିଲେ ମଧ୍ୟ ବନ ବିଭାଗ, ରାଜସ୍ୱ ବିଭାଗ ଚୁପ୍ ବସିଥିବା ଅଭିଯୋଗ ହୋଇଛି। ନୂଆଗାଁ ସମବାୟ ସମିତିର ଧାନମଣ୍ଡିକୁ କିଛି ବର୍ଷ ହେଲା ବନ୍ଦ କରି ଦିଆଯାଇଛି। ତେଣୁ ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ନୂଆଗାଁଠାରେ ଧାନମଣ୍ଡି ଖୋଲିବାକୁ ସୋସାଇଟିର ସଭାପତି ପାଣ୍ଡୁ ଚରଣ ଖଣ୍ଡୁଆଳ, ରମେଶ ଚନ୍ଦ୍ର ପ୍ରଧାନ, ସୁଧୀର କୁମାର ପ୍ରଧାନ ପ୍ରମୁଖ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଜାମୁସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ମନମାନୀ ନେଇ ଜାମୁସାହି, କେସେଣ୍ଡା, ମଣିଆକୋଟ, ରାଣୀଗମା ଗ୍ରାମବାସୀ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ବାହାଡାଝୋଲା ଫାଣ୍ଡି ଅଞ୍ଚଳରେ ଅପରାଧ ବୃଦ୍ଧି ପାଉଛି। ଫାଣ୍ଡିରେ ଅବସ୍ଥାପିତ କର୍ମଚାରୀ ନିଜ କାର୍ଯ୍ୟରେ ଅବହେଳା କରୁଛନ୍ତି। ଅଞ୍ଚଳକୁ ଦେଖିଲେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ ସମସ୍ୟା ଉପୁଜୁଥିବା ନେଇ ସମିତିସଭ୍ୟା ମିତା ଅଧିକାରୀ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଅତରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ, ବିଡିଓ ବାସୁଦେବ ନାୟକ, ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ସମେତ ଜିଲା ଓ ବ୍ଲକ ଅଧିକାରୀମାନେ ଉପସ୍ଥିତ ଥିଲେ।

